




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୧୯ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 19 SEPTEMBER 2022
Vol.No. 35 ■ No. 246 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ | ପ୍ରାପ୍ତିସ୍ଥାନ | ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଭାରତ ଯୋଡ଼ୋ ଯାତ୍ରା- ଓଡ଼ିଶା ପରିକ୍ରମାରୁ ପରିବର୍ତନ : ଜୟରାମ ରମେଶ

## ପ୍ରଧାନମନ୍ତ୍ରୀଙ୍କ ଇଂଗିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଠବସ ହୁଅନ୍ତି



ଭୁବନେଶ୍ୱର,୧୮/୦୯ (ନି.ପ୍ର): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ସାଂସଦ ତଥା ଏଆଇସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଶ୍ରୀ ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଡା. ଏ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ "ଭାରତ ଯୋଡ଼ୋ" କାଯ୍ୟକ୍ରମ ସଂପର୍କରେ ସୂଚନା ଦେଇ କହିଲେ ଯେ "ଭାରତ ଯୋଡ଼ୋ" କାର୍ଯ୍ୟକ୍ରମର ଆୟୋଜନ ମୁଖ୍ୟତଃ ତିନୋଟି କାରଣ ପାଇଁ କରାଯାଇଅଛି । ପ୍ରଥମତଃ ଅର୍ଥନୈତିକ ଅସମତା, ଦ୍ୱିତୀୟତଃ ସାମାଜିକ ଧ୍ରୁବିକରଣ ଓ ତୃତୀୟତଃ ରାଜନୈତିକ କେନ୍ଦ୍ରୀକରଣ । ଭାରତ ଏହି ସବୁ କାରଣ ପାଇଁ ଆଜି ଭାଙ୍ଗି ତୁଟି ଯିବା ଅବସ୍ଥାରେ ପଂହଚିଛି ବୋଲି ଏ ଦେଶର ଅଗଣିତ ଜନସାଧାରଣ ଅନୁଭବ କରିଛନ୍ତି । ଏଣୁ ଭାରତକୁ ଯୋଡ଼ି ରଖିବା ପାଇଁ "ଭାରତ ଯୋଡ଼ୋ" କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଶ୍ରୀ ଜୟରାମ ରମେଶ ଏହି "ଭାରତ ଯୋଡ଼ୋ" ଯାତ୍ରାର ମୁଖ୍ୟ ଆକର୍ଷଣ ଶ୍ରୀ ରାହୁଲ ଗାନ୍ଧୀଙ୍କର ଭାରତକୁ ଯୋଡ଼ିବା ପାଇଁ ଆବେଗ ଓ ଉଦ୍‌ବେଗ ସଂପର୍କରେ କହି ସ୍ପଷ୍ଟ ଭାବେ ସୂଚନା ଦେଇଥିଲେ ଯେ ରାହୁଲ ଗାନ୍ଧୀ କହିଛନ୍ତି ଏ ଯାତ୍ରା ହେଉଛି ମୋର ଏକ ତପସ୍ୟା । ବର୍ଷା, ଖରାକୁ ନମାନି କାହିଁକି ଏ ଯାତ୍ରାରେ ରାହୁଲ ଗାନ୍ଧୀ ଚାଲିଛନ୍ତି ତାହା ଶ୍ରୀ ରମେଶ ସ୍ପଷ୍ଟ ଭାବେ ଉପସ୍ଥାପନା କଲେ । ସେ କହିଲେ ଯେ ମୋଦି, ଆରସେସ ଓ ବିଜେପିର ଜନବିରୋଧି ନୀତି ନିଷ୍ପତି ପାଇଁ ଭାରତ ଆଜି ରସାତଳଗାମୀ ହୋଇପଡ଼ିଛି । ବେରୋଜଗାର, ଦାରିଦ୍ର୍ୟ, ଦରବୃଦ୍ଧି, ଜିଏସଟି ଏବଂ ଦୁଇ ପୁଞ୍ଜିପତିଙ୍କୁ ରାଷ୍ଟ୍ରର ସଂପତିକୁ ଦାନ ପ୍ରମୁଖ କଥା ଶ୍ରୀ ରମେଶ ଉଲ୍ଲେଖ କରିଥିଲେ । ଧର୍ମ, ଜାତି, ବର୍ଣ୍ଣ ଓ ଅଂଚଳର ଭେଦଭାବ ସୃଷ୍ଟିକରି ସମାଜରେ ଘୃଣା ଓ ଅସ୍ଥିରତା ବଢ଼ାଇବା ହେଉଛି ବିଜେପି ଓ ଆରସେସର କାର୍ଯ୍ୟ । କେବଳ ନିର୍ବାଚନକୁ ଆଖି ଆଗରେ ରଖି ନରେନ୍ଦ୍ର ମୋଦି ଏ ହୀନ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ରାଜନୀତି କେନ୍ଦ୍ରୀକରଣ ସଂପର୍କରେ ସୂଚନା ସେ କହିଲେ ଯେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ କ୍ଷମତାକୁ ନିଜ ଆୟତରେ ରଖି ଏହାକୁ ଅପବ୍ୟବହାର କରୁଛନ୍ତି । ସାମ୍ବିଧାନିକ ସଂସ୍ଥା ଆଜି ଦୁର୍ବଳ ଏହାର ଦୁରୁପଯୋଗ ହେଉଛି । ଯେଉଁଥିପାଇଁ ଭାରତ ନିଜ ଭିତରେ ବିଭାଜିତ ହୋଇପଡ଼ିଛି । "ଭାରତ ଯୋଡ଼ୋ" କାର୍ଯ୍ୟକ୍ରମର ସୂଚନା ଦେଇ ସେ କହିଲେ ଯେ ଏହା କନ୍ୟାକୁମାରୀ ଠାରୁ କାଶ୍ମିର ପର୍ଯ୍ୟନ୍ତ ଦକ୍ଷିଣରୁ ଉତର ପର୍ଯ୍ୟନ୍ତ ୩୫୭୧ କି.ମି. ଯାତ୍ରା । ଏହି ଯାତ୍ରା ପାଖାପାଖି ୧୫୦ ଦିନରୁ ଉର୍ଦ୍ଧ ସମୟ ଚାଲୁରହିବ ।

▶▶ପୃଷ୍ଠା ୭

## ଥରିଲା ତାଇୱାନ୍ : ଭୁଶୁଡ଼ି ପଡ଼ିଲା ବଡ଼ ବଡ଼ ଅଟ୍ଟାଳିକା



ତାଇୱାନ,୧୮/୦୯: ତାଇୱାନରେ ହୋଇଛି ବଡ ଧରଣର ଭୂମିକମ୍ପ । ଭୂମିକମ୍ପରେ ବଡ ବଡ କୋଠା ଧରାଶାୟୀ ହୋଇଥିବା ଜଣାପଡିଛି । ଏହାର ପ୍ରବାବ ଏତେ ଥିଲା ଯେ, ରେଳ ଷ୍ଟେସନରେ ଠିଆ ହୋଇଥିବା ଏକ ଟ୍ରେନ୍ ମଧ ଦୋହୁଲିଥିବା ଦେଖିବାକୁ ମିଳିଥିଲା । ତାଇୱାନ୍‌ର କିଛି ଅଞ୍ଚଳରେ କେତେକ ଘର ଭୁଶୁଡି ପଡିଥିବା ବେଳେ ଆଉ କିଛି ସ୍ଥାନରେ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ସୂଚନା ମିଳିଛି । ତେବେ ସମ୍ପୂର୍ଣ୍ଣ କ୍ଷୟକ୍ଷତି ନେଇ କୌଣସି ସରକାରୀ ରିପୋର୍ଟ ଆସିନି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବତ୍ରା ପାଖାପାଖି ୭ ଥିଲା । ଆମେରିକା ଜିଓ ଲୋଜିକାଲ ସର୍ଭେ ବା ଟଙ୍ଏଙ୍ ରିପୋର୍ଟ ଅନୁଯାୟୀ, ଭୂମିକମ୍ପର ତୀବ୍ରତା ୬.୯ ଥିଲା । ତାଇତୁଙ୍ଗରୁ ୭.୩ କିଲୋମିଟର ଦୂରରେ ଭୂମିକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡିଛି । କିଛି ସମୟ ପାଇଁ ଥରି ଉଠିଥିଲା ପୂର୍ବ ଦକ୍ଷିଣ ତାଇୱାନ ଅଞ୍ଚଳ । ରାଜଧାନୀ ତାଇପେଇ ଅଞ୍ଚଳରେ ବି ଭୂମିକମ୍ପର ପ୍ରଭାବ ଅନୁଭୂତ ହୋଇଛି । ଏହା ପୂର୍ବରୁ ତାଇୱାନ୍‌ରେ ଗତ ୧୯୯୯ ମସିହାରେ ବଡ ଧରଣର ଭୂମିକମ୍ପ ହୋଇଥିଲା । ରିକ୍ଟର ସ୍କେଲରେ ସେତେବେଳେ ଭୂମିକମ୍ପର ତୀବ୍ରତା ୭.୬ ଥିଲା । ଏଥିରେ ୨ ହଜାର ୪ ଶହ ଲୋକଙ୍କର ମୃତ୍ୟୁ ହୋଇଥିଲା ।

## ରତ୍ନ ଭଣ୍ଡାର ଖୋଲା ଯିବାକୁ ଦାବି କଲେ ବିଜୟ ମହାପାତ୍ର



ଭୁବନେଶ୍ୱର, ୧୮/୦୯ :(ନି.ପ୍ର) ରତ୍ନଭଣ୍ଡାର ଖୋଲିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେଉଥିବା ଓଡ଼ିଶା ହାଇକୋର୍ଟର ଆମିକସକ୍ୟୁରି ଏନ୍.କେ ମହାନ୍ତିଙ୍କ ମତ ପ୍ରକାଶ ପରେ ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ତୁରନ୍ତ ରତ୍ନଭଣ୍ଡାର ଖୋଲିବା ଦାବି କରିଛନ୍ତି । ସେ କହିଛନ୍ତି, ରତ୍ନଭଣ୍ଡାର ଓ ଏହା ଭିତରେ ଥିବା ସମ୍ପତି ସୁରକ୍ଷିତ ଅଛି ନା ନାହିଁ ତାହାକୁ ନେଇ ଲୋକଙ୍କ ସନ୍ଦେହ ସରକାରଙ୍କ ଉପରେ ବଢୁଛି । କାରଣ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣରେ ବ୍ୟାପକ ଅବହେଳା କରାଯାଇଛି । ଯାହା ଆମିକସକ୍ୟୁରିଙ୍କ ସମୀକ୍ଷା ପରେ ଜଣାପଡ଼ିଛି । ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇର ରହିଛି । ଶ୍ରୀମନ୍ଦିର ପ୍ରଶାସନ ବା ରାଜ୍ୟ ସରକାରଙ୍କ କାମ ଖୁବ୍ କମ୍ । ତେଣୁ ଏଏସଆଇ ଠିକ୍ ଭାବେ କାମ କରିନାହିଁ ବୋଲି ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି । । ଏକଦା ରତ୍ନଭଣ୍ଡାର ସ୍ଥିତି ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରି ଯାଂଚ କରିବାକୁ କହିଥିଲେ । ହେଲେ କିଛି ଅଫିସ୍ର ରତ୍ନଭଣ୍ଡାର ଚାବି ନ ପାଇ ଫେରି ଆସିଲେ ବୋଲି ବାହାନା କରିଦେଲେ । ରାଜ୍ୟ ସରକାର ମଧ ଏହା ପର ଠାରୁ ରତ୍ନ ଭଣ୍ଡାର ଖୋଲିବାକୁ ପଦକ୍ଷେପ ନେଲେ ନାହିଁ । ବଡ଼ ବଡ଼ିଆ ବାବୁମାନଙ୍କ ଭ୍ରମ ରହିଛି, ଏହା ରାଜ୍ୟ ସରକାରଙ୍କ ସମ୍ପତି । ହେଲେ ଏହା ରାଜ୍ୟ ସରକାରଙ୍କ ସମ୍ପତି ନୁହେଁ । ତାହା ଖୋଲାଯିବା ତୁରନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି ।

## ସାଂବା ସେକ୍ଟରରେ ପୁଣିଥରେ ଦେଖାଗଲା ଡ୍ରୋନ୍, ଅଂଚଳରେ ତଲାସୀ ଅଭିଯାନ ଜାରୀ



ସାଂବା,୧୮/୦୯ : ଜାମ୍ମୁ ସମ୍ଭାଗର ସାଂବା ସେକ୍ଟରରେ ପୁଣିଥରେ ଡ୍ରୋନ୍ ଦେଖାଯାଇଛି । ରକ୍ଷାସୂତ୍ର ଅନୁଯାୟୀ ଶନିବାର ରାତିରେ ପାକିସ୍ତାନ ପଟୁ ଆସିଥିବା ଡ୍ରୋନ୍ ସାଂବା ସେକ୍ଟର ସୀମାବର୍ତୀ ଗାଆଁ ସାରଥୀ କଳାରେ ସ୍ଥାନୀୟ ଲୋକ ଏବଂ ସୁରକ୍ଷାକର୍ମୀ ଦେଖିଥିଲେ । ଏହି ଡ୍ରୋନ୍‌ରେ ଅସ୍ତ୍ରଶସ୍ତ୍ର ଏବଂ ମାଦକ ଦ୍ରବ୍ୟ ପକାଇବାର ଆଶଙ୍କାରେ ସୁରକ୍ଷାକର୍ମୀ ରବିବାର ସକାଳେ ତଲାସୀ ଅଭିଯାନ ଚଳାଇଛନ୍ତି । ସୂଚନା ଅନୁଯାୟୀ ପାକିସ୍ତାନରୁ ଆସିଥିବା ଡ୍ରୋନ୍ ଭୂଇଁ ଠାରୁ ଅତିକମ୍‌ରେ ଏକ କିଲୋମିଟର ଉଚ୍ଚା ଉପରେ ଉଡୁଥିଲା । ଡ୍ରୋନ୍ ଧଳା ରଙ୍ଗର ଚକ୍‌ମକ୍ ଆଲୋକ ସହିତ ଗାଆଁ ଡେରା ଏବଂ ମଦୁନ ହୋଇ ରିଗାଲ ଆଡ଼କୁ ଯାଇଥିଲା ଏବଂ ସେଠାରେ ଫେରି ଚକ ଦୁଲମାରୁ ସିଧା ପାକିସ୍ତାର ହୈଦରା ପୋଷ୍ଟ ଆଡ଼କୁ ଯାଇଥିଲା ।

## ୨୪ ଘଣ୍ଟାରେ ୬ ଶିଶୁଙ୍କ ମୃତ୍ୟୁ : ଡାକ୍ତର ଓ ନର୍ସଙ୍କ ଦାୟିତ୍ୱହୀନତା ଅଭିଯୋଗ ଆଣିଲେ ସମ୍ପର୍କୀୟ





କେନ୍ଦୁଝର,୧୮/୦୯ (ନି.ପ୍ର): ଆଗ ପଛ ହୋଇ ଜଣଙ୍କ ପରେ ଜଣେ ଶିଶୁଙ୍କ ପ୍ରାଣହାନୀ । ପିଲାଙ୍କ ମୃତ୍ୟୁ ପାଇଁ ଡାକ୍ତରଙ୍କ ଅବହେଳା ଦାୟୀ ବୋଲି ମୃତ ଶିଶୁଙ୍କ ସଂପର୍କୀୟମାନେ କରିଛନ୍ତି ଅଭିଯୋଗ । ଗୋଟିଏ ପଟେ ରାଜ୍ୟ ସରକାରଙ୍କ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ସ୍ୱପ୍ନ, ଅନ୍ୟପଟେ ନବଜାତଙ୍କ ଅକାଳ ବିୟୋଗ । ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପଯୁକ୍ତ ଚିକିତ୍ସା ଅଭାବ ଓ ଡାକ୍ତରଙ୍କ ଅଣଦେଖା ମନୋଭାବରୁ ଦିନକରେ ଛଅ ଶିଶୁଙ୍କର ମୃତ୍ୟୁ ଅଭିଯୋଗ । ଏହାକୁ ନେଇ ଆଜି ମେଡ଼ିକାଲ୍ ପରିସରରେ ଉପୁଜିଥିଲା ତୁମୁଳକାଣ୍ଡ । ମେଡିକାଲ୍ କର୍ତ୍ତୃପକ୍ଷ କିନ୍ତୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି । ସେହିଭଳି ଗଲା ୧୮ ଦିନ ମଧ୍ୟରେ ଏଠାରେ ୧୩ ଶିଶୁଙ୍କ ଜୀବନ ଯାଇଛି । ଚିକିତ୍ସାରେ ଅବହେଳା ନେଇ ଯେଉଁ ଅଭିଯୋଗ ଆସିଛି, ତା ଉପରେ ତଦନ୍ତ ଆରମ୍ଭ ହୋଇଛି । ୨୪ ଘଣ୍ଟା ଭିତରେ ଛଅ ଜଣ । ଆଗ ପଛ ହୋଇ ଜଣଙ୍କ ପରେ ଜଣେ ଶିଶୁଙ୍କ ପ୍ରାଣହାନୀ । ମୃତ ଶିଶୁଙ୍କ ସଂପର୍କୀୟମାନଙ୍କ ଅଭିଯୋଗ, ପିଲାଙ୍କ ମୃତ୍ୟୁ ପାଇଁ ଡାକ୍ତରଙ୍କ ଅବହେଳା ଦାୟୀ । ନବଜାତଙ୍କ ମୃତ୍ୟୁର ଏଭଳି ସଂଗୀନ ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ । ସଂପର୍କୀୟଙ୍କ ଅଭିଯୋଗ ଅନୁଯାୟୀ, ଗତକାଲିଠାରୁ ନିଜ ପିଲାଙ୍କୁ ଆଣି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ । ହେଲେ ଏସ୍ଏନ୍‌ସିୟୁରେ ଡାକ୍ତର ଉପସ୍ଥିତ ନଥିଲେ । ନେହୁରା ହେବା ପରେ ବି ନା ତ କେହି ଡାକ୍ତର କିମ୍ବା ନର୍ସ ଆସିନଥିଲେ । ଶିଶୁଙ୍କୁ ଅକ୍ସିଜେନ୍ ଦେବା ପାଇଁ ବାପା, ମା'ମାନେ ମେଡ଼ିକାଲ୍ କର୍ମଚାରୀଙ୍କୁ ଗୁହାରି କରିଥିଲେ ବି କେହି ଶୁଣିଲେନି । ଫଳରେ ଗତ ୨୪ ଘଣ୍ଟା ମଧ୍ୟରେ ଏହି ମେଡ଼ିକାଲ୍ ?ରେ ୬ ଜଣ ପିଲାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ନିଜର ଅସନ୍ତୋଷ ଜାହିର କରିଥିଲେ ମୃତ ଶିଶୁଙ୍କ ସଂପର୍କୀୟ । ଫଳରେ ଆଜି ଦିନ ତମାମ ଉତ୍ତେଜନା ଲାଗିରହିଥିଲା । ମେଡ଼ିକାଲ୍‌ରେ ଉତ୍ତେଜନା ଖବର ପାଇ ପହଞ୍ଚିଥିଲା ପୋଲିସ ଫୋର୍ସ । ଜିଲ୍ଲାପାଳ ଆଶିଷ ଠାକରେଙ୍କ ସମେତ ଉପ ଜିଲ୍ଲାପାଳ, ଅତିରିକ୍ତ

▶▶ପୃଷ୍ଠା ୭

## ହକି ଇଣ୍ଡିଆ ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କଲେ ଦିଲ୍ଲୀପ ତିର୍କୀ



ଭୁବନେଶ୍ୱର,୧୮/୦୯ (ନି.ପ୍ର): ଭାରତର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆନ୍ ଦିଲୀପ ତିର୍କୀ ଆଜି ହକି ଇଣ୍ଡିଆ ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । କ୍ରୀଡାକୁ ଏକ ନୂଆ ଉଚ୍ଚତାକୁ ଆଣିବା ତାଙ୍କର ଉଦ୍ଦେଶ୍ୟ ବୋଲି ନାମାଙ୍କନପତ୍ର ଦାଖଲ କରିବା ପରେ ତିର୍କି କହିଛନ୍ତି । ସମସ୍ତଙ୍କ ଆଶୀର୍ବାଦ ସହିତ ହକି ଇଣ୍ଡିଆ ସଭାପତି ପଦ ପାଇଁ ମୋର ନାମାଙ୍କନପତ୍ର ଦାଖଲ କରିଛି । ମୁଁ ଭାରତୀୟ ହକିକୁ ନୂତନ ଉଚ୍ଚତାକୁ ନେବାକୁ ପ୍ରତିଶ୍ରୁତିବଦ୍ଧ' ବୋଲି ତିର୍କି ଟୁଇଟ କରିଛନ୍ତି । ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ଫୁଲ୍ ବ୍ୟାକ୍ ୪୪ ବର୍ଷିୟ ତିର୍କୀ ବର୍ତ୍ତମାନ ଓଡିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ଅଛନ୍ତି । ଅକ୍ଟୋବର ୯ ସୁଦ୍ଧା ହକି ଇଣ୍ଡିଆ ନିର୍ବାଚନ ପ୍ରକ୍ରିୟା ଶେଷ ହେବାର ଅଛି ।

## ୨୦ରେ ଲଘୁଚାପ, ୧୫ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରୀ

ଭୁବନେଶ୍ୱର,୧୮/୦୯ (ନି.ପ୍ର): ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଉତର-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତୀ ଅଂଚଳ ଉପରେ ଗତ ଶନିବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି (ରବିବାର) ପୂର୍ବ-କେନ୍ଦ୍ରୀୟ ପାର୍ଶ୍ୱବର୍ତୀ ଉତର- ପୂର୍ବ ବଙ୍ଗୋପସାଗର ଅଂଚଳରେ ସମୁଦ୍ର ପତନ ଠାରୁ ବାୟୁମଣ୍ଡଳର ୫.୮ କିମି ଉଚ୍ଚତା ଯାଏଁ ବ୍ୟାପିଛି । ଏହି ଘୂର୍ଣ୍ଣିବଳୟଟି କ୍ରମଶଃ ଅଧିକ ଘନୀଭୂତ ହେଉଥିବା ବେଳେ ଏହାର ପ୍ରଭାବରେ ୨୦ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ପୂର୍ବାନୁମାନ କରା ଯାଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆ ଯାଇଥିବା ସୂଚବା ଅନୁସାରେ ଏହି ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା (୭ ରୁ ୨୦ସେମି) ରହିଥିବା ବେଳେ ୧୯ ଏବଂ ୨୦ ତାରଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ । ପାଣିପାଗ ବିଜ୍ଞାନ ପକ୍ଷରୁ ଜାରୀ ବୁଲେଟିନରେ କୁହା ଯାଇଛି ଯେ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋୱାର୍ଣ୍ଣିଂ ଜାରି କରା ଯାଇଛି । ଏହି ଜିଲ୍ଲା ଗୁଡିକ ମଧ୍ୟରେ ପୁରୀ, ଖୋର୍ଦ୍ଧା, ଗଜପତି, ଗଂଜାମ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ବୌଦ୍ଧ, ଅନୁଗୁଳ, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର ଏବଂ ବଲାଙ୍ଗୀର ରହିଛି ।

## ଜବଲପୁର ପହଂଚିଲେ ଉପରାଷ୍ଟ୍ରପତି ଧନଖଡ଼

ଭୋପାଳ,୧୮/୦୯ : ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଭାରତୀୟ ବାୟୁସେନାର ବିଶେଷ ବିମାନରେ ଏକ ଦିବସୀୟ ପ୍ରବାସରେ ରବିବାର ଦିନ ଜବଲପୁର ପହଂଚିଛନ୍ତି । ଏହା ଡୁମନା ଏୟାରପୋର୍ଟରେ ତାଙ୍କୁ ଗାର୍ଡ ଅପ୍ ଅନର ଦିଆଯାଇଛି । ଉପରାଷ୍ଟ୍ରପତି ଧନଖଡ଼ଙ୍କ ଏୟାରପୋର୍ଟରେ ରାଜ୍ୟପାଳ ମଂଗୁଭାଇ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ସ୍ୱାଗତ କରି ତାଙ୍କ ସ୍ୱାଗତ କରିଛନ୍ତି ।

## ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ: ଧାର୍ଯ୍ୟ ସମୟରେ ଘର ନସାରିଲେ ଦେବାକୁ ପଡିବ ଜରିମାନା

ନୂଆଦିଲ୍ଲୀ,୧୮/୦୯: ସମାଲୋଚନା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କଠୋର ହୋଇଛି କେନ୍ଦ୍ର । ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କ ବୟାନବାଜି ଭିତରେ କଠୋର ଆଭିମୁଖ୍ୟ ଦେଖାଇଛି କେନ୍ଦ୍ର । କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ପକ୍ଷରୁ ଓଡିଶା ସମେତ ଦେଶର ସମସ୍ତ ରାଜ୍ୟକୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା । ରାଜ୍ୟମାନଙ୍କୁ ସ୍ପଷ୍ଟ ଭାବରେ କୁହାଯାଇଛି, ଯଦି କୌଣସି ରାଜ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଞ୍ଜୁର ହୋଇଥିବା ଘରର ଆବଣ୍ଟନ ବା ନିର୍ମାଣ କାର୍ଯ୍ୟ, ଧାର୍ଯ୍ୟ ସମୟରେ ଶେଷ କରିବାରେ ବିଫଳ ହୁଅନ୍ତି ତେବେ ସମ୍ପୃକ୍ତ ରାଜ୍ୟଙ୍କୁ ଜରିମାନା ଦେବାକୁ ପଡିବ । ଜରିମାନା ଟଙ୍କାକୁ କେନ୍ଦ୍ର ସରକାର ତାଙ୍କ ଭାଗରୁ କାଟି ଦେବେ । ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁସାରେ, (୧) ମଞ୍ଜୁରୀ ପରଠୁ ଆବାସ ଆବଣ୍ଟନ ଯଦି ଗୋଟିଏ ମାସରୁ ଅଧିକ ବିଳମ୍ବ ହୁଏ ତେବେ ରାଜ୍ୟ ସରକାରଙ୍କୁ ୧୦ ଟଙ୍କା ଜରିମାନା ଦେବାକୁ ପଡ଼ିବ (୨) ତାପରେ ପ୍ରତ୍ୟେକ ମାସର ବିଳମ୍ବ ପାଇଁ ପ୍ରତିମାସ ୨୦ ଟଙ୍କା ହିସାବରେ ଜରିମାନା ଦେବାକୁ ହେବ (୩) ଯଦି କୌଣସି ଆବାସ ପାଇଁ ରାଶି ମଞ୍ଜୁର ହୋଇଯାଇଛି ଏବଂ ପୈଠରେ ବିଳମ୍ବ ହେଉଛି ସେଥିପାଇଁ ପ୍ରତି ସପ୍ତାହରେ ୧୦ ଟଙ୍କା ହିସାବରେ ହିତାଧିକାରୀଙ୍କୁ ଦେବାକୁ ପଡ଼ିବ (୪) କିନ୍ତୁ ଯଦି ଆବାସ ନିର୍ମାଣ ପାଇଁ କେନ୍ଦ୍ରର ପାଣ୍ଠି ଉପଲବ୍ଧ ହେଉନାହିଁ ତେବେ ରାଜ୍ୟମାନଙ୍କ ଉପରେ ଜରିମାନା ପଡିବ ନାହିଁ । କେନ୍ଦ୍ରର ଏହି କଠୋର ଆଭିମୁଖ୍ୟକୁ ନେଇ ପୁଣି ଥରେ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ରାଜ୍ୟ ବିଜେପି ନେତା କହିଛନ୍ତି, ଗରିବ ଲୋକଙ୍କ ସହ ଖେଳୁଥିବା ରାଜ୍ୟ ସରକାରଙ୍କୁ ଏହା ଏକ ସଠିକ ଉତ୍ତର । ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ଆବାସ ନେଇ କେନ୍ଦ୍ର ସରକାର ଯାହା ସବୁ ନିର୍ଦ୍ଦେଶ ଦେଇଛନ୍ତି, ତାହାଠୁ ଆମେ ଅଧିକ କରୁଛୁ । ୨୦୨୪ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨କୋଟି ୯୫ଲକ୍ଷ ଘର କରିବାକୁ ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ର ସରକାର । ହେଲେ, ଓଡିଶା, ଆସାମ, ଛତିଶଗଡ଼, ବିହାର ଭଳି ରାଜ୍ୟରେ ବାସ୍ତବ ସ୍ଥିତି ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଛି । ସବୁ ଲୋକଙ୍କୁ ପକା ଘର ଯୋଗାଇ ଦେବାକୁ ସରକାର ନେଇଥିବା ଡେଡଲାଇନ ପୂରିବାକୁ ଆଉ ମାତ୍ର ୧୯ମାସ ରହିଛି । ତେଣୁ ଏତେ କମ୍ ସମୟ ଲକ୍ଷ୍ୟ ପୂରଣ କରିବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ।

## ରାଜ୍ୟସ୍ତରୀୟ ଜୁନିୟର ହକି ପ୍ରତିଯୋଗୀତା-ଜଗତସିଂହପୁର ଜିଲ୍ଲା ଟିମ୍‌ରେ ପାରାଦୀପର ୧୬ ଖେଳାଳି



ପାରାଦୀପ,୧୮/୦୯ (ନି.ପ୍ର): ସେପ୍ଟେମ୍ବର ୧୮ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ହକି ଷ୍ଟାଡିୟମ୍, ଭୂବନେଶରରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଜୁନିୟର ହକି ପ୍ରତିଯୋଗୀତା ପାଇଁ ଜଗତସିଂହପୁର ଜିଲ୍ଲାରୁ ପିପିଏଲ ଡିଏଭି ସ୍କୁଲ ମନୋନୀତ ହୋଇଛି । ଏହି ହକି ଦଳ ସମ୍ବିତ ସାମଲଙ୍କ ଅଧିନାୟକତ୍ୱରେ ଓ ଶାଶ୍ୱତ କୁମାର ଭାରତୀୟଙ୍କ ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରୁଛି । ଜିଲ୍ଲାର ଏହି ଦଳ ତାର ପ୍ରଥମ ମ୍ୟାଚ କଳାହାଣ୍ଡି ସହିତ ଖେଳିବ । ଜଗତସିଂହପୁର ଜିଲ୍ଲାର କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ନାୟକ ଓ ନାଭାଲ ଟାଟା ଏଚ.ପଶୀ ତୃଣମୂଳ ସଂଯୋଜକ ଶେଖର ଚନ୍ଦ୍ର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ହକି ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜେଏସଡବ୍ଲ୍ୟୁ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ହାଇସ୍କୁଲ ପରୀକ୍ଷାରେ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା




ପାରାଦୀପ,୧୮/୦୯ (ନି.ପ୍ର): ପାରାଦୀପ ପ ଜେ ଏସ ଡ ବ୍ଲୁ ପକ୍ଷରୁ ପ୍ରସ୍ତାବିତ ସ୍ଥାନୀୟ ତିନି ପଞ୍ଚାୟତର ହାଇସ୍କୁଲ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ବିଶ୍ୱକର୍ମା ପୂଜା ଅବସରରେ ସ୍ଥାନୀୟ ଜଟାଧାର ଭବନ ଠାରେ ସମ୍ବର୍ଧନା କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ ପାରାଦୀପ କଲେଜରେ ଅଧକ୍ଷା ଡଃ ଶସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତମାନର ଶିକ୍ଷା ବ୍ୟବସ୍ଥା, ବ୍ୟକ୍ତିଗତ ଚରିତ୍ର ଗଠନ, ସକାରାତ୍ମକ ମନୋଭାବ ସମ୍ପର୍କରେ ମତ ଦେଇଥିଲେ। ଏଥି ଅବସରରେ ସ୍ଥାନୀୟ କପ୍ତେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କିଶୋର ବେହେରା ନିଜ ବିଦ୍ୟାଳୟ ତଥା ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ।

ଗଡ଼କୁଜଙ୍ଗ ହାଇସ୍କୁଲର ପ୍ରଦାୟନି ସାହୁ ଚଳିତ ମାଟ୍ରିକ ପରୀକ୍ଷାରେ ନିଜ ବିଦ୍ୟାଳୟ ପାଇଁ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାର୍ଥସାରଥୀ ଦାସ ଦିତୀୟ,ଶୁଭଲକ୍ଷ୍ମୀ ସାହୁ ତୃତୀୟ, କୁଞ୍ଜବିହାରୀ ହାଇସ୍କୁଲ ନୁଆଗାଁର ସଚ୍ଚିଦାନନ୍ଦ ମନ୍ତ୍ରୀ ପ୍ରଥମ, ସତ୍ୟଜିତ ପ୍ରଧାନ ଦିତୀୟ ଓ ସୁଜଳ ଲେଙ୍କା ତୃତୀୟ , କପ୍ତେଶ୍ୱର ହାଇସ୍କୁଲର ଲୀନାରାଶୀ ରାଉତ ପ୍ରଥମ,ଶୁଭସ୍ମିତା ବେହେରା ଦିତୀୟ ଓ ଶୁଭସ୍ମିତା ଜେନା ତୃତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମ ପୁରସ୍କାର ଭାବେ ଦଶ ହଜାର, ଦିତୀୟ ପୁରସ୍କାର ଭାବେ ସାତ ହଜାର ପାଞ୍ଚ ଶହ,ଓ ତୃତୀୟ ପୁରସ୍କାର ଭାବେ ପାଞ୍ଚ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଓ ଶିକ୍ଷା କମିଟି ସଭାପତି ମାନଙ୍କୁ ସମ୍ବର୍ଧିତ କରାଯାଇଥିଲା। ଏଥି ସହିତ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଙ୍କୁ ମଧ ଜେ ଏସ ଡ ବ୍ଲୁ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଜେ ଏସ ଡ ବ୍ଲୁ ପକ୍ଷରୁ ଲେଫଟନାଣ୍ଟ କର୍ଣ୍ଣେଲ ଦାବିନ୍ଦର ସିଂ ସାଙ୍ଗା,କେ ସି ଶ୍ରୀବାସ୍ତବ, ସୁବାଷ ପରିଡ଼ା, ବିଭୁପ୍ରଦ ନନ୍ଦ, ପ୍ରଶାନ୍ତ ପାଟିଲ, ପ୍ରସନ୍ନଜିତ ରାଏ, ଅଭିଜିତ ମହାନ୍ତି, ନରେନ୍ଦ୍ର କୁମାର ବାରିକ, ଅକ୍ଷୟ ପତି, ରାଜକିଶୋର ନାଳା, ସରୋଜିନୀ ଜେନା,ଉଦୟ ସାହୁ, ବିଜୟ ସୁର୍ , ଅନୁରୂପା ପଟ୍ଟନାୟକ,ପିନାକୀ ମହାନ୍ତି, ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସୁରକ୍ଷା କର୍ମୀ ମାନେ ଉପସ୍ଥିତ ଥିଲେ।

# ଆମେ କଳାକାର ଆମ ଓଡ଼ିଶାର ସମାବର୍ତ୍ତନ ଉତ୍ସବ




ଉଦଳା ,୧୮/୦୯ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପୁରୁଣାବାରିପଦା ଠାରେ ଚଳିତ ସେପ୍ଟେମ୍ବର ୧୬ ତାରିଖ ଶୁକ୍ରବାର ଦିନ ଆମେ କଳାକାର ଆମ ଓଡ଼ିଶା ତରଫରୁ ରାଷ୍ଟ୍ରିୟ ମାଆ ପରିବାର, ଜନମଙ୍ଗଳ ସେବା ସଂଗଠନ ଓ ମୟୂର ଆର୍ଟିଷ୍ଟ ଆସୋସିଏସନର ମିଳିତ ସହଯୋଗରେ ସମାବର୍ତ୍ତନ ଉତ୍ସବ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ନାଟ୍ୟକାର ମନୋରଂଜନ ଦାଶଙ୍କ ଜୟନ୍ତି ମଧ ଆଜି ଦିନରେ ପଡୁଥିବାରୁ ଏହି ମଞ୍ଚରେ ତାଙ୍କର ଜୟନ୍ତି ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, ପ୍ରତିଭା ପ୍ରଦର୍ଶନ, ପ୍ରମାଣପତ୍ର ବଣ୍ଟନ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା। କଳାକାର, ସାହିତ୍ୟିକ ଓ ସାମ୍ବାଦିକ ମାନେ ଦେଶ ଗଠନରେ କିପରି ଭୂମିକା ଲିଭାଉଛନ୍ତି ସେ ସମ୍ପର୍କରେ ଆଲୋଚକ ମାନେ ବିସ୍ତୃତ ବର୍ଣ୍ଣନା କରିଥିଲେ। ବିଶେଷ କରି ଦେଶରେ ଗଣତନ୍ତ୍ର ଶାସନକୁ ବଞ୍ଚାଇ ରଖିବାରେ କଳାକାର, ସାହିତ୍ୟିକ ଓ ସାମ୍ବାଦିକ ମାନଙ୍କର ଅବଦାନକୁ କେବେ ଭୁଲି ହେବ ନାହିଁ ବୋଲି ସମସ୍ତେ ମତ ଦେଇଥିଲେ। ଦିବସ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାରିପଦା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଠାକୁରମୁଣ୍ଡା, ରାଉରକେଲା ପ୍ରଭୃତି ଅଞ୍ଚଳରୁ ଶତାଧିକ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ କଳାକାର, ସାହିତ୍ୟିକ ଓ ସାମ୍ବାଦିକ ମାନଙ୍କୁ ପ୍ରମାଣପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୟୂରଭଞ୍ଜର ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କୁ ମଧ ଏହି ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିବାର ଜଣା ଯାଇଛି।

# ଜଳେଶ୍ୱର ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ

ଜଳେଶ୍ୱର ,୧୮/୦୯ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୨ ତମ ଜନ୍ମ ଦିନ ଉପଲକ୍ଷେ ଆଜି ଜଳେଶ୍ୱର ନଗର ବିଜେପି ପକ୍ଷରୁ ଉପସଭାପତି ଦୁର୍ଗାଚରଣ ଭୂୟାଁଙ୍କ ନେତୃତ୍ୱରେ ପୌରପରିଷଦର ୧୫ନଂ ୱାର୍ଡ ନହଞ୍ଜାରାର ଗୟାସୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ବୃକ୍ଷରୋପଣ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଉପସଭାପତି ଅରୁଣ କୁମାର ବେଜ, ଓବିସିମୋର୍ଚ୍ଚା ସାଧାରଣ ସଂପାଦକ ଆଦିତ୍ୟନାରାୟଣ ପାତ୍ର, ନଗର ସଂପାଦକ ରବିନ୍ଦ୍ର କୁମାର ପାତ୍ର, କାଉନ୍ସିଲର ଉମା ହେମ୍ବ୍ରମ, ଚନ୍ଦନ କୁମାର ଦାସ, ଶିବ ନାରାୟଣ ମହାପାତ୍ର, ରାଧାକୃଷ୍ଣ ସେନ୍, ଶଂକର ଗିରି, ମାନସ ଦାସ, ଦୀପୁ ପରିଡା, ସୁବଳ ପରିଡା, ଦେବୁ ଜେନା, ସୁଜୟ ରାଉଳ, ତପନ ବ୍ରହ୍ମ, ଜଗନ୍ନାଥ ଗୋଚ୍ଛାୟତ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମ ଜୟନ୍ତୀ ପାଳନ କଲା ପାରାଦୀପ ବନ୍ଦର



ପାରାଦୀପ,୧୮/୦୯ (ନି.ପ୍ର): ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୨ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବିଭିନ୍ନ ଜନସେବାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶନିବାର ସକାଳେ ପାରାଦୀପ ସମୁଦ୍ର ବେଳାଭୂମିରେ ଏକ ବିରାଟ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ. ହରନାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ୍ଦର କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍ସ, ବିଭିନ୍ନ ସାମାଜିକ ସଙ୍ଗଠନ ସମେତ ଭାରତୀୟ ତଟରକ୍ଷୀ ବାହିନୀ ଏହି ସ୍ୱଚ୍ଛ ଉପକୂଳ ଓ ସାଗର ସୁରକ୍ଷା ଅଭିଯାନରେ ସାମିଲ ହୋଇଥିଲେ। ଏତଦ୍‌ବ୍ୟତିତ ବନ୍ଦର ଚିକିତ୍ସାଳୟରେ ଏକ କୋଭିଡ୍ ଟୀକାକରଣ ସତର୍କତା ଶିବିର ଆୟୋଜିତ ହୋଇଥିଲା। ସେହିପରି ବନ୍ଦର ଯାନ୍ତ୍ରୀକ ବିଭାଗ ପକ୍ଷରୁ ଭୀମ ଭୋଇ କଲୋନୀରେ ଫଳ ବୃକ୍ଷ ରୋପଣ କରାଯାଇଥିଲା । ଏହି ପରୀପ୍ରେକ୍ଷୀରେ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସହଯୋଗରେ ବିଶ୍ୱାଳୀ ଗ୍ରାମରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

# ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସିଡିଏମଓଙ୍କୁ ମାସା ପକ୍ଷରୁ ଦାବିପତ୍ର



ରାଇରଙ୍ଗପୁର,୧୮/୦୯ (ନି.ପ୍ର): ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ବାରମ୍ବାର ଅଭିଯୋଗ ସେତ୍ତ୍ୱ ସମସ୍ୟାର ସମାଧାନ ହେଉନ ନଥିବାରୁ ଆଜି ମୟୂରଭଂଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ବାମନଘାଟି କମିଟି, ଜିଲ୍ଲା କମିଟି, ରାଜ୍ୟ କମିଟି ପକ୍ଷରୁ ସିଡିଏମଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବାମନଘାଟି ଉପଖଣ୍ଡ ଆଦିବାସୀ ଅଧ୍ୟୁଷିତ ଅଂଚଳ ହୋଇଥିବାରୁ ଲୋକେ ଚିକିତ୍ସା ନିମେନ୍ତ ମୁଖ୍ୟତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଉପେର ନିର୍ଭର କରନ୍ତି । କିନ୍ତୁ ଡାକ୍ତର ଅଭାବ ଯୋଗୁଁ ରୋଗୀ ମାନେ ଠିକେର ଚିକିତ୍ସା ପାଇ ପାରୁ ନାହାନ୍ତି ତେଣୁ ଡାକ୍ତର ପଦବି ତୁରନ୍ତ ପୁରଣ କରାଯିବା, ଚିକିତ୍ସାଳୟେର ରହିଥିବା ନିରାମୟ କେନ୍ଦ୍ର ୨୪ ଘଂଟା ଖୋଲାଯିବା, ସିସି କ୍ୟାମେରା ଖରାପ ଥିବା ଯୋଗୁଁ ତୁରନ୍ତ ମରାମତି କରାଯିବା, ଠିକା ସଂସ୍ଥା ଦ୍ୱାରା ଆଉଟ ସୋର୍ସିଂ ମାଧମେର ହସ୍ପିଟାଲେର ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଆଯିବା, ଗୋଟିଏ ମାତ୍ର ଶବ ବୁହା ଗାଡି ଥିବା ଯୋଗୁଁ ଲୋକ ମାନେ ଘରକୁ ଶବ ନେବା ପାଇଁ ଅଯଥା ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି ତେଣୁ ଶବ ବୁହା ଗାଡି ସ୍ୱଗର୍ରଥ ସଂଖ୍ୟା ବୃଦ୍ଧି କରାଯିବା ଆଦି ବହୁ ଦାବୀ ଉପସ୍ଥାପନ କରାଯାଇଛି। ଯଦି ଆଗାମୀ ୭ ଦିନ ଭିତେର ଦାବୀ ପୂରଣ କରା ନଯାଏ ତେବେ ସାତ ଦିନ ପେର ବାମନଘାଟରେ ଜୋରଦାର ଅାନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଦାବିପତ୍ରର ଏକକିତା ନକଲ ଜିଲ୍ଲାପାଳ ଓ ଏଡିଏମ ଙ୍କୁ ପ୍ରଦାନ କରାଯାଇଛି । ଆଜିର ଦାବିପତ୍ର ପ୍ରଦାନରେ ବାମନଘାଟି ମାସାଆର୍ମୀ ପକ୍ଷରୁ ସାଂଗଠନିକ ସଭାପତି ବିଘ୍ନେଶର ବାସ୍କେ, ସାଂଗଠନିକ ସମ୍ପାଦକ ଜଗନ୍ନାଥ ମୁର୍ମୁ, ବାମନଘାଟି ସଭାପତି ସୁନିଲ ସେରନ, ସମ୍ପାଦକ ମାସାଙ୍ଗ ମୁର୍ମୁ, ରାଇରଙ୍ଗପୁର ଟାଉନ ସଭାପତି ରାମ ମୁର୍ମୁ, ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ମତୁକେଶ ମାରାଣ୍ଡି, କାର୍ଯ୍ୟକାରି ସଭାପତି କୁଟିଆ ଟୁଡୁ, ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ସାଧାରଣ ସମ୍ପାଦକ ଚୈତନ ସେରନ, ସମ୍ପାଦକ ହାଡ଼ିବନ୍ଧୁ ଟୁଡୁ, ରବିନ୍ଦ୍ର ମାରାଣ୍ଡି ଏବଂ ରାଜ୍ୟ କମିଟି ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ ଅର୍ଜୁନ ମୁର୍ମୁ ତୋଫାନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ମୋଦୀଜିଙ୍କ ଜନ୍ମଦିନ ପାଳନ




ଜଳେଶ୍ୱର ,୧୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୨ ତମ ଜନ୍ମ ଦିନ ଉପଲକ୍ଷେ ଆଜି ଭାରତୀୟ ଜନତାପାର୍ଟି ଜଳେଶ୍ୱର ନିର୍ବାଚନ ମଣ୍ଡଳି ସ୍ତରୀୟ ଜନ୍ମ ଦିନ ପାଳିତ ହୋଇ ଯାଇଛି। ଜଳେଶ୍ୱର ଷ୍ଟେସନରେ ରହୁଥିବା ଅସହାୟ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ପ୍ରାତଃ ସମୟରେ ଶନିମନ୍ଦିରରେ ସମୂହ ଦୀପଦାନ କରି ମୋଦୀଜିଙ୍କର ଦୀର୍ଘାୟୁ କାମନା କରାଯାଇଥିଲା । ପୂର୍ବାହ୍ନରେ ଗୋବରଘଟା ପଂଚାୟତର ଦଶହରା ପଡିଆଠାରେ ଗରିବ କୁନି କୁନି ଆଦିବାସୀ ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ପୌରପାଳିକାର ୮ନଂ ୱାର୍ଡ ଫଂଚୁଘଣ୍ଟାଠାରେ ଆଦିବାସୀ ସାହିରେ ନାଚଗୀତ ଅନୁଷ୍ଠିତ ହେବା ସହିତ ସମସ୍ତଙ୍କ ଗହଣରେ କେକ୍ କଟାଯାଇ ସମସ୍ତେ ଶୁଭ ମନାସୀଥିଲେ । ଯୁବନେତା ଦିବ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ମନୋଜ ସାସମଲ, ପ୍ରତାପ ସେନାପତି, ତପନ ବିଶ୍ୱାଳ, ପ୍ରଣବ ପଣ୍ଡା, ସଂଜୀବ ରାଉତ, ବୁଦ୍ଧେଶ୍ୱର ବାରିକ, ଜ୍ୟୋତିର୍ମୟୀ ବାର୍ଡ, ରବିନ୍ଦ୍ର ଦତ୍ତ ପ୍ରମୁଖ ବହୁ କର୍ମୀ ସାମିଲ ଥିଲେ।

# ଉଦଳା ସାହିତ୍ୟ ସଂସଦର ପ୍ରଥମ ବୈଠକ

ଉଦଳା ,୧୮/୦୯ (ନି.ପ୍ର): ଉଦଳା ସହର ମଧରେ ନୂଆକରି ଗତ ରଥଯାତ୍ରା ସମୟରେ ଜନ୍ମ ନେଇଥିବା 'ଉଦଳା ସାହିତ୍ୟ ସଂସଦ'ର ପ୍ରଥମ ବୈଠକ ଚଳିତ ସେପ୍ଟେମ୍ବର ୧୫ ତାରିଖ ଗୁରୁବାର ଦିନ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଂସଦର ପ୍ରତିଷ୍ଠାତା ଡ଼କ୍ଟର କୁମାର ଗୋପାଲ ଏହା ଗଠନ କରିବାର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ପ୍ରଥମେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହାପରେ ସଂସଦର ସଭାପତି କବୟିତ୍ରୀ ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଗବେଷକ କିଶୋର ଚନ୍ଦ୍ର ଦାସବାବୁ, କବି କରୁଣାକର ଦାସ, ସାହିତ୍ୟିକ ରାମଚନ୍ଦ୍ର ସାହୁ, ସାମ୍ବାଦିକ ହିମାଦ୍ରୀ ଶେଖର ପାଲ ଓ ଆନନ୍ଦ ଦାସ ପ୍ରମୁଖ ଅଂଶ ଗ୍ରହଣ କରି ବର୍ତ୍ତମାନ ଉଦଳା ସହରରେ ସାହିତ୍ୟ ସଂସଦଟିଏ ଗଠନ କରିବା କିପରି ଜରୁରୀ ହୋଇ ପଡ଼ିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧରେ ଶ୍ରୀକାନ୍ତ ପ୍ରସାଦ ବେହେରା, ପବିତ୍ର ମୋହନ ବେହେରା,ରବିକାନ୍ତ ମହାପାତ୍ର, ତାପସ ଖଣ୍ଡା ପ୍ରମୁଖ ଯୋଗ ଦେଇ ଏହି ସାହିତ୍ୟ ସଂସଦର ଦିର୍ଘ ଜୀବନ କାମନା କରିବା ସହିତ ଏହାର ପ୍ରତିଷ୍ଠାତା ଡ଼କ୍ଟର ଗୋପାଲଙ୍କୁ କୃତଜ୍ଞତା ଜଣାଇଥିଲେ । ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହିତ ଆଗାମୀ ବୈଠକ କେଉଁଦିନ ଓ କେଉଁଠାରେ ହେବ ଫୋନ ମାଧମରେ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯିବ ବୋଲି ବ୍ୟକ୍ତ କରିଥିଲେ।

# ବିଶିଷ୍ଟ ନାଟ୍ୟ ଅଭିନେତା ତଥା ପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଯତୀନ୍ଦ୍ର ନାଥ ପରିଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ



ଜଳେଶ୍ୱର ୧୮/୯(ନି.ପ୍ର): ଗୋପୀମୋହନପୁର ପଂଚାୟତର ଛମୌଜ ଗ୍ରାମର ପ୍ରାକ୍ତନ ଶିକ୍ଷକ ତଥା ନାଟ୍ୟକାର ସ୍ୱର୍ଗତ ଯତୀନ୍ଦ୍ର ନାଥ ପରିଡାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଗ୍ରାମାଂଚଳ ବରିଷ୍ଠ ନାଗରିକ ପରିଷଦର ଉପସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟଅତିଥିଭାବେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗ ଦେଇ ଯତୀନ୍ଦ୍ର ବାବୁଙ୍କ କର୍ମନିଷ୍ଠା, ନିସ୍ୱାର୍ଥ ସେବା, ଶିକ୍ଷାଦାନ, ଅନୁଷ୍ଠାନ ପ୍ରେମୀ ସଂପର୍କରେ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, ଗଣେଶଚନ୍ଦ୍ର ପରିଡା, ଭାଗବତଚନ୍ଦ୍ର ପରିଡା, ଖଗେନ୍ଦ୍ରନାଥ ସାହୁ, ଉମେଶଚନ୍ଦ୍ର କର, କାର୍ତ୍ତିକ ଦାସ, ଫଣୀଭୂଷଣ ଭୂୟାଁ, ଯୋଗେଶଚନ୍ଦ୍ର ରାଉଳ, ରାମଚନ୍ଦ୍ର ସିଂ, ଗୀତାଞ୍ଜଳି ଦେ, ମନୋଜ ଭୂୟାଁ, ଶଶିକାନ୍ତ ପ୍ରଧାନ, ଶଙ୍କର୍ଷଣ ଭଂଜ, ଜଳଧର ଭଂଜ ପ୍ରମୁଖ ସ୍ୱର୍ଗତ ପରିଡାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଓଝା ସୂଚନା ପ୍ରଦାନ କରିଥିବା ବେଳେ 'କର୍ମବୀର ଯତୀନ୍ଦ୍ରନାଥ' ସ୍ମରଣୀକା ବିତରଣ କରାଯାଇଥିଲା।

# ନୂତନ ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ



ଖୋରଧା,୧୮/୦୯ (ନି.ପ୍ର): ନୂତନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଗତକାଲିଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ପ୍ରଧାନ ପୂର୍ବରୁ ଢେଙ୍କାନାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ସେ ବଦଳି ହୋଇ ଏଠାରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ବହୁଦିନ ଧରି ଖାଲିପଡିଛି ଖୋର୍ଦ୍ଧା ପୌରପରିଷଦ ନିର୍ବାହୀ ଅଧିକାରୀ ପଦବୀ : ପ୍ରଶାସନ ନୀରବ ଦ୍ରଷ୍ଟା

ଖୋର୍ଦ୍ଧା ,୧୮/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ପୌରପରିଷଦ ନିର୍ବାହୀ ଅଧିକାରୀ ପୋଷ୍ଟ ବହୁଦିନ, ପ୍ରାୟ ଏକ ବର୍ଷ ପରେ ହେଲା ଖାଲି ପଡ଼ିଛି। ପୂର୍ବ ପୌର ପରିଷଦର ନିର୍ବାହୀ ଅଧିକାରିଣୀ ଶ୍ରୀମତୀ ଶ୍ୱେତ ପଦ୍ମା ମହାଶୟା ବଦଳି ହେବା ପରେ, ଖୋର୍ଦ୍ଧା ଉପ ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିଲେ। ମାତ୍ର ସେ ନନ୍ ଓଡ଼ିଆ ହୋଇଥିବାରୁ ପୁଣୀ ଆଇଏଏସ ହୋଇଥିବାରୁ କେବଳ ନାମକୁ ମାତ୍ର ଦାୟିତ୍ୱ ନେଇଥିଲେ । କେବେ କୁଆଡେ ପୌରପରିଷଦ ୱାର୍ଡ ବୁଲି ଦେଖନ୍ତି ନାହିଁ। ଏବେ କଣ ଖୋର୍ଦ୍ଧା ତହସିଲଦାର ଅତିରିକ୍ତ ଦାୟିତ୍ୱ ଅଛନ୍ତି, ସେ ତାଙ୍କ କାମ ସହ ଏହି କାମ କରିବା ପାଇଁ ଯୋଗ୍ୟ କି ? ରାଜସ୍ୱ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ତାକୁ ସମ୍ଭାଳି ଏହି କାମ ଦେଖିବା କେତେ ଦୁର ସମିଚୀନ। ଖୋର୍ଦ୍ଧା ଜିଲ୍ଲାପାଳ ବିଚାର କରିବେ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟାଳୟ ଖୋର୍ଦ୍ଧା ମ୍ୟୁନିସିପାଲିଟି ହୋଇ ଥିବାରୁ, ଏହି ପୋଷ୍ଟ ସର୍ବପ୍ରଥମେ ନିର୍ବାହୀ ଅଧିକାରୀ ନିଯୁକ୍ତି ହେବା ଦରକାର। ଆମ ନଗର ଉନ୍ନୟନ ମନ୍ତ୍ରୀ, ସଚିବ, ଓଡ଼ିଶା ସରକାର, ଖୋର୍ଦ୍ଧା ଜିଲ୍ଲାପାଳ , ଓ ଖୋର୍ଦ୍ଧା ବିଧାୟକ ଶୀଘ୍ର ଖାଲି ପଡ଼ିଥିବା ଗୁରୁତ୍ୱ ପୂର୍ଣ୍ଣ ପୋଷ୍ଟ ପାଇଁ ଧ୍ୟାନ ଦେବା କଥା । ଏକ ନମ୍ବର୍ ଜିଲ୍ଲାର ଖୋର୍ଦ୍ଧା ହେଉଛି ମୁଖ୍ୟ ଦପ୍ତର , ଖୋର୍ଦ୍ଧା ପୌରପରିଷଦ ପ୍ରତ୍ୟେକ ବିଭାଗ ଅଫିସ ଅଛି । ଖୋଦ ଆମ ଜିଲ୍ଲାପାଳ ଏଠାରେ ରହନ୍ତି। ଏହାର ଲୋକ ସଂଖ୍ୟା ପ୍ରାୟ ୬୦ ହଜାର ହେବ। ଏହି ଗୁରୁତ୍ୱ ପୂର୍ଣ୍ଣ ପୋଷ୍ଟ ଏତେ ବର୍ଷ ହେଲା ଖାଲି ପଡ଼ିଛି। ମାତ୍ର ଉଚ୍ଚ କର୍ତ୍ତୃପକ୍ଷ ଓ ନଗର ଉନନୟନ ମନ୍ତ୍ରୀ , ସଚିବ କାହିଁକି ଫିଲପ୍ କରୁନାହାଁନ୍ତି ଖୋର୍ଦ୍ଧା ସହର ବାସୀ ଆଶ୍ଚର୍ଯ୍ୟ ଓ ଦୁଃଖିତ। ଏହି ପୋଷ୍ଟକୁ ଶୀଘ୍ର ଜଣେ ବରିଷ୍ଠ ଅଧିକାରୀ ଆସିବା ପାଇଁ ଆମ ଖୋର୍ଦ୍ଧା ଜିଲ୍ଲା ପାଳ ଆଇ. ଏ .ଏସ . ମହାଶୟ ତୁରନ୍ତ ପଦକ୍ଷପ ନେବାକୁ ଖୋର୍ଦ୍ଧା ସହର ଜନସାଧାରଣ, ବୁଦ୍ଧିଜୀବି, ବରିଷ୍ଠ ନାଗରିକ ସଂଘ, ଖୋର୍ଦ୍ଧା ଗଣ ମାଧ୍ୟମ ଦୃଢ଼ ଦାବି। ଓଡ଼ିଶା ନବୀନ ବାବୁ ସରକାରଙ୍କୁ ଅନୁରୋଧ କରୁଛନ୍ତି । ଅତି ଶୀଘ୍ର ଖୋର୍ଦ୍ଧା ପୌରପରିଷଦ ନିର୍ବାହୀ ଅଧିକାରୀ ଦିଅନ୍ତୁ କିମ୍ବା ଆମ ସଚ୍ଚୋଟ ଦକ୍ଷ ଶ୍ୱେତପଦ୍ମା ମାଡ଼ାମା ପୂର୍ବ ପୌରପରିଷଦ ନିର୍ବାହୀ ଅଧିକାରିଣୀଙ୍କୁ ଫେରସ୍ତ ଆଣିବାକୁ ବିଶେଷ ଅନୁରୋଧ। ଆଶା ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଓଡ଼ିଶା ବିଚାର କରିବା ହେବେ ନିବେଦନ।

# ଦୁର୍ଦ୍ଧର୍ଷ ହେଲିକପ୍ଟର

ଯୁଦ୍ଧକ୍ଷେତ୍ରରେ ଦେଶର ସେନାବାହିନୀ ବୀରତ୍ୱର ସହ ଶତ୍ରୁପକ୍ଷକୁ ସାମନା କରନ୍ତି । ଏହି ସମୟରେ ସେମାନଙ୍କୁ ସହଯୋଗ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ହେଲିକପ୍ଟର । ଗୋଟିଏ ଗୋଟିଏ ହେଲିକ୍ପ୍ଟର ଏକାଧିକ ସୈନିକଙ୍କ ପରି କାର୍ଯ୍ୟ ତୁଲାଇପାରେ । ଏଗୁଡ଼ିକ ରଣଭୂମିର ଦୁର୍ଦ୍ଧର୍ଷ ଯନ୍ତ୍ର ସୈନିକ କହିଲେ ଅତ୍ୟୁକ୍ତି ହେବନାହିଁ । ନିକଟରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିବା ଉଡ଼ନ୍ତା ଟ୍ୟାଙ୍କ ଆପାଚେ ହେଲିକ୍ପ୍ଟର ସମେତ ବିଶ୍ୱର ପ୍ରମୁଖ ୫ଟି ଲଢୁଆ ହେଲିକପ୍ଟର ସମ୍ପର୍କରେ-



ଭାରତୀୟ ବାୟୁସେନା ବୋଇଂ କମ୍ପାନୀରୁ ୨୨ଟି ହେଲିକପ୍ଟର କିଣିବା ଲାଗି ଚୁକ୍ତି କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଏଥିରୁ ୮ଟି ବାୟୟୁସେନାରେ ସାମିଲ ହୋଇଛି । ଏହା ଏଯାବତ ବିଶ୍ୱର ସବୁଠାରୁ ଦୁର୍ଦ୍ଧର୍ଷ ହେଲିକ୍ପ୍ଟର ମାନ୍ୟତା ପାଇଛି । ୨୦ହଜାର ଫୁଟ ଉଚ୍ଚ ପର୍ଯ୍ୟନ୍ତ ଉଡ଼ିପାରୁଥିବା ଆପାଚେ ଶତ୍ରୁଦେଶ ମଧ୍ୟରେ ପଶି ନିମିଷକେ ତାଣ୍ଡବ ରଚିବା ଲାଗି ସକ୍ଷମ । ଏହାକୁ ପିଓକେ ସମେତ ଅନ୍ୟାନ୍ୟ ବିଭିନ୍ନ ଆତଙ୍କବାଦୀ ଆଡ୍ଡାଗୁଡ଼ିକରେ ନିୟୋଜିତ କରାଯିବ । ଆମେରିକୀୟ କମ୍ପାନୀ ଏଏଚ-୬୪

## ବୋଇଂ ଏଏଚ ୬୪ ଆପାଚେ:

ସାରାବିଶ୍ୱରେ ଏଯାବତ ୨୧୦୦ ଆପାଚେ ହେଲିକପ୍ଟର ଯୋଗାଇ ସାରିଛି । ଏହା ପୂର୍ବରୁ ଭାରତ ବ୍ୟହାର କରୁଥିବା ରୁଷ ନିର୍ମିତ ଏମଆଇ-୩୫ର ସ୍ଥାନ ନେବ ଏବଂ କେବଳ ଆକ୍ରମଣ ଲାଗି ନିୟୋଜିତ ହେବ । କୌଣସି ପ୍ରତିକୂଳ ପାଗ କିମ୍ବା ପରିସ୍ଥିତିରେ ଏହା ସଫଳତାର ସହ କାର୍ଯ୍ୟ କରିପାରିବ । ଏଥିରେ ଦୁଇଟି ଜେନେରାଲ କଲେକ୍ଟ୍ରିକ୍ ଟି୭୦୦ ଟର୍ବୋଶେଫ୍ ଇଞ୍ଜିନ ଏବଂ ଆଗପଟକୁ ଏକ ସେନସର ରହିଛି ତେଣୁ ରାତିର ଅନ୍ଧକାରରେ ବି ଏହା ଆରାମରେ ଗତି କରିପାରିବ । ୫୧୬୫ କିଲୋଗ୍ରାମ ଓଜନର ଏହି ହେଲିକପ୍ଟରରେ ପାଇଲଟ୍ ବସିବା ପାଇଁ ଦୁଇଟି ସିଟ୍ ରହିଛି । ଯୁଦ୍ଧକ୍ଷେତ୍ରରେ ଯେକୌଣସି ପରିସ୍ଥିତିରେ ଏହା ଶତ୍ରୁପକ୍ଷକୁ ଦୃଢ଼ ଜବାବ ଦେଇପାରିବ । ଉଡ଼ନ୍ତା ଟ୍ୟାଙ୍କ ଭାବେ ପରିଚିତ । ଆପାଚେ ଘଣ୍ଟା ପ୍ରତି ୩୬୫ କିଲୋମିଟର ବେଗରେ ଉଡ଼ିପାରେ । ତେଣୁ ଶତ୍ରୁପକ୍ଷର ବଟ୍ୟାଙ୍କ ଧ୍ୱଂସ କରିବା ଏହା ପାଇଁ ଖୁବ ସହଜ । ଏଥିରେ ହେଲିଫାୟର ଏବଂ ଷ୍ଟିଙ୍ଗର ମିସାଇଲ ଲାଗିବା ସହ ଉଭୟ ପଟେ ୩୦ ଏମଏମର ଦୁଇଟି ବନ୍ଧୁକ ରହିଛି । ଏହି ମିସାଇଲର ପେଲୋଡରେ ତୀବ୍ର ବିସ୍ଫୋରକ ଭର୍ତ୍ତି ହୋଇଥାଏ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଥିରେ ଲାଗିଥିବା ହେଲମେଟ ମାଉଣ୍ଟେଡ ଡିସପ୍ଲେ, ଇଣ୍ଟିଗ୍ରେଟେଡ ହେଲମେଟ ଏବଂ ଡିସପ୍ଲେ ସାଇଟିଂ ସିଷ୍ଟମ । ଏହା ସହାୟତାରେ ପାଇଲଟ ହେଲିକପ୍ଟରରେ ଲାଗିଥିବା ଅଟୋମେଟିକ ଏମ୨୩୦ ଚେନଗନରେ ଶତ୍ରୁକୁ ଟାର୍ଗେଟ କରିପାରିବେ । ଆମେରିକୀୟ ସେନା ଲାଗି ଆଡଭାନସଡ ଆଟାକ ହେଲିକପ୍ଟର ପ୍ରୋଗ୍ରାମ ପାଇଁ ଏହାକୁ ନିର୍ମାଣ କରାଯାଇଥିବା ବେଳେ ୧୯୭୫ରେ ଏହା ପ୍ରଥମ ଉଡାଣ କରିଥିଲା । ତେବେ ଆମେରିକୀୟ ସେନାରେ ଏହାକୁ ୧୯୮୬ରେ ସାମିଲ କରାଯାଇଥିଲା ।

## କାମୋଭ-କେଏ-୫୦:



ରଷୀୟ ଲଢୁଆ ହେଲିକପନ୍ଟର କାମୋଭ -କେଏ ୫୦ ଏବଂ ୫୨କୁ ବ୍ଲାକ ଶାର୍କ ବୋଲି ବି କକୁହାଯାଏ । ଗୋଟିଏ ସିଟ୍ ଥିବା ଏହି ହାଲକା ହେଲିକପ୍ଟର ଖୁବ ଆକ୍ରମଣାତ୍ମକ । ୧୯୮୦ ମସିହାରେ ଏହାକୁ ନିର୍ମାଣ କରାଯାଇଥିଲା । ତେବେ ୧୯୯୫ ମସିହାରେ ରୁଷ୍ ସେନାବାହିନୀରେ ଏହାକୁ ସାମିଲ କରାଗଲା । ଏଥିରେ ପାଇଲଟ୍ ହେଲିକପ୍ଟର ଉଡ଼ାଇବା ସହ ଶତ୍ରୁ ଉପରେ ଆକ୍ରମଣ କରିପାରିବେ । ଅକାରରେ ଛୋଟ ହୋଇଥିବାରୁ ଏହା ଅନ୍ୟ ହେଲିକପ୍ଟର ତୁଳନାରେ ଦ୍ରୁତଗତିରେ ଯାଇପାରେ । ତେଣୁ ଯେତେ କଷ୍ଟକର ଅଭିଯାନ ହେଲେ ମଧ୍ୟ ଏହିଂ ହେଲିକପ୍ଟର ଏହାକୁ ସଫଳତାର ସହ ସମ୍ପୂର୍ଣ୍ଣ କରିପାରିଛି । ଦ୍ରୁତ ଉଡାଣ ପାଇଁ ତିନୋଟି ଲେଖାଏଁ ରୋଟର ବେ୍ଡଲଡ୍ ଥିବା ଦୁଇଟି ସିଷ୍ଟମ ସହାୟକ ହୋଇଥାଏ । ପାଇଲଟ୍ ଜରୁରୀକାଳୀନ ସ୍ଥିତିରେ ନିଜ ଜୀବନ ବଞ୍ଚାଇପାରିବା ଲାଗି ଇଜେକସନ ସିଟ୍ ଏଥିରେ ରହିଛି । ଏହା ସର୍ବାଧିକ ୧୦,୮୦୦ କିଲୋ ଓଜନ ବୋହିପାରିବ, ଘଣ୍ଟାପ୍ରତି ୩୧୦ କିଲୋମିଟର ବେଗରେ ଗତି କରିପାରିବ ଏବଂ ୫୨୦ କିଲୋମିଟର ପର୍ଯ୍ୟନ୍ତ ଏହାର ରେଞ୍ଜ ରହିଛି ।

## ୟୁରୋକପ୍ଟର ଟାଇଗର:



ଲଢୁଆ ହେଲିକପ୍ଟରଗୁଡ଼ିକ ମଧ୍ୟରେ ୟୁରୋକପ୍ଟର ଟାଇଗର ଫ୍ରାନ୍ସ ଏବଂ ଜର୍ମାନୀ ଦ୍ୱାରା ମିଳିତ ଭାବେ ନିର୍ମାଣ କରାଯାଇଛି । ଯୁଦ୍ଧ କ୍ଷେତ୍ରରେ ଏହା ବାଘ ଭଳି ଶତ୍ରୁପକ୍ଷରୁ ସାମନା କରିଥାଏ । ଏହାର ରେଞ୍ଜ ୮୦୦ କିଲୋମିଟର ହୋଇଥିବା ବେଳେ ସର୍ବାଧିକ ୬ହଜାର କିଲୋ ବେଗରେ ଗତି କରିପାରେ ।

## ଏମଆଇ-୨୮ ଏଚ୍:



ଏହା ମଧ୍ୟ ରୁଷୀୟ ହେଲିକପ୍ଟର । ନାଟୋ ଏହାକୁ ହାଭୋକ୍ ବୋଲି ନାମିତ କରିଛି । ଦୁଇଟି ସିଟ୍ ଥିବା ଏହି ଆଣ୍ଟି ଆର୍ମର ଆଟାକ୍ ହେଲିକପ୍ଟର ଯେକୌଣସି ଋତୁରେ ବ୍ୟବହାର କରାଯାଇପାରେ । ଗୁଳି ବାଜିଗୋଲ ବି ଏହା ଉଡ଼ିପାରିବ । ଏଥିରେ ଅତ୍ୟାଧୁନିକ ଆଣ୍ଟି ଟ୍ୟାଙ୍କ ମିସାଇଲ ଲାଗିଥିବାବେଳେ ଏହାର ରେଞ୍ଜ ୧୧୦୦ କିଲୋମିଟର ପର୍ଯ୍ୟନ୍ତ । ଏହା ସର୍ବାଧିକ ୧୧୫୦୦ କିଲୋଗ୍ରାମ ଭାର ବହନ କରିପାରୁଥିବାବେଳେ ଘଣ୍ଟା ପ୍ରତି ୩୨୦ କିଲୋମିଟର ବେଗରେ ଉଡ଼ିଥାଏ ।

# ଘରେ ପ୍ରସ୍ତୁତ କରନ୍ତୁ ଶ୍ୟାମ୍ପୁ

ପ୍ରକୃତିର କୌଣସି କୁପ୍ରଭାବ ମନୁଷ୍ୟ ସମାଜ ଉପରେ ପଡ଼ିନଥାଏ । ଅନେକବର୍ଷ ପୂର୍ବେ ଯନ୍ତ୍ରୀପାତି ଓ ଜ୍ଞାନକୌଶଳର ବ୍ୟବହାର କମ ହେଉଥିବାରୁ ସେତେବେଳେ ଉତ୍ତମ ପରିବେଶ ଥିଲା । ଏବେ କିନ୍ତୁ ଦିନକୁଦିନ ପୃଥିବୀପୃଷ୍ଠ ଉତ୍ତପ୍ତ ପିଣ୍ଡରେ ପରିଣତ ହେଉଛି । ଏସବୁକୁ ନଜରରେ ରଖି ପ୍ରାକୃତିକ ଉପାୟରେ ସୌନ୍ଦର୍ଯ୍ୟ ଚର୍ଚ୍ଚା କରିବା ଉଚିତ । କେଶ ସଫା ପାଇଁ ସବୁଠୁ ଜରୁରୀ ଶ୍ୟାମ୍ପୁକୁ ଘରେ ମଧ୍ୟ ତିଆରି କରିହେବ । ପ୍ରଥମେ ସମାନ ପରିମାଣର ଶୁଖିଲା ଅଁଳା, ରୀଠା ଓ ଶିକାକାଇ ବଜାରରୁ କିଣିଆଣନ୍ତୁ । ଏହାକୁ ଭଲ ଭାବରେ ଗୁଣ୍ଡ କରି ଏକ ଡବାରେ ଭର୍ତ୍ତି କରି ଫ୍ରିଜରେ ରଖିବା ଉଚିତ ।



- କେଶ ସଫା କରିବା ପୂର୍ବଦିନ ରାତିରେ ଏହି ଗୁଣ୍ଡର ୨ ଚାମଚ ୩କପ୍ ପାଣିରେ ଭିଜାଇ ରଖନ୍ତୁ ।
- ସକାଳେ ସେହି ପାଣିକୁ ଭଲ ଭାବରେ ୧୫ ମିନିଟ୍ ଗରମ କରି ଫୁଟାନ୍ତୁ । ପରେ ଥଣ୍ଡା ହେବା ପାଇଁ ରଖନ୍ତୁ ।
- ସେହି ପାଣି ଥଣ୍ଡା ହେଲା ପରେ ତାହାକୁ ଶ୍ୟାମ୍ପୁ ଭାବରେ ବ୍ୟବହାର କରନ୍ତୁ । କେଶ ଝଡ଼ିବା କମ ହେବା ସହ ଘନତ୍ୱ ବଢ଼ିଥାଏ ।
- ପ୍ରଥମ ବ୍ୟବହାରରେ ଜାଣିହେବ ଯେ ଏହି ଘରୋଇ ଶ୍ୟାମ୍ପୁ ବ୍ୟବହାର କଲେ କେଶ ଯଥେଷ୍ଟ କମ ଝଡ଼ିଥାଏ ।

# ସ୍ମାର୍ଟ ବାୟୁ ବିଶୋଧକ

ପ୍ରକୃତି ସହିତ ଟେକ୍ନୋଲୋଜିର ସମ୍ମିଶ୍ରଣରେ ପ୍ରସ୍ତୁତ ଏକ ପ୍ରାକୃତିକ ସ୍ମାର୍ଟ ବାୟୁ ବିଶ୍ଳେଷଣ କରି ଏହାକୁଚ ପ୍ରଦୂଷଣମୁକ୍ତ କରିଥାଏ । ଦେଖିବାକୁ ଗଲେ ବାହାର ବାୟୁ ଅପେକ୍ଷା ଘର ଭିତରର ବାୟୁ ଅଧିକ ପ୍ରଦୂଷିତ ହୋଇପାରେ । ଏହାକୁ ଏପରି ବିଶୋଧକ ଦ୍ୱାରା ସ୍ୱଚ୍ଛ କରିହେବ । ନେଟଡି ଜ୍ଞାନକୌଶଳ ସୁପରଚାର୍ଜ କରାଯାଇଥିବା ସାଧାରଣ ଗଛ ଦ୍ୱାରା ସଞ୍ଚାଳିତ ହୋଇଥାଏ । ଏଥିରେ ଏକ ଫଟୋକାଟାଲିକ୍ ଫିଲଟର ରହିଛି ଯାହା ପରିବର୍ତ୍ତିତ ହେବା ଆବଶ୍ୟକ ହୁଏନି । ଏହାକୁ ମୋବାଇଲ ଆପ ଏବଂ ସ୍ମାର୍ଟ ହୋମ ଉପକରଣ ଦ୍ୱାରା ଦୂରରୁ ନିୟନ୍ତ୍ରଣ କରାଯାଇପାରେ । ଏଥିରେ ବିଶେଷ ପ୍ରକାର ସେନସର ଲାଗିଥାଏ ଯାହା ବାୟୁ ପ୍ରଦୂଷଣର ସଠିକ୍ ସୂଚନା ଦିଏ ଏବଂ ଏହି ଉପକରୀଣ ୯୩ ପ୍ରତିଶତ ଜୀବାଣୁ, ଭୂତାଣୁ ନଷ୍ଟ କରିପାରେ ।

# ଗାଡ଼ିରେ ଯିବା ବେଳେ ବାନ୍ତି ହେବନି



ପିଲାଠାରୁ ବଡ଼ ଲୋକଙ୍କ ପର୍ଯ୍ୟନ୍ତ ଅନେକଙ୍କର ଗାଡ଼ିରେ ଯିବାବେଳେ ବାନ୍ତି ହୋଇଥାଏ, ମୁଣ୍ଡ ବୁଲାଏ । ଏପରି ସ୍ଥିତିରେ ଭାରି ଅସହଜ ଲାଗେ । ଏହି ସମସ୍ୟାକୁ ମୋସନ ସିକନେସ କୁହାଯାଉଥିବାବେଳେ ଯାତ୍ରା କରୁଥିବା ବ୍ୟକ୍ତି ଭ୍ରମଣର ମଜା ନେଇପାରନ୍ତି ନାହିଁ । ଏପରିକି ଯେଉଁ ପିଲାମାନେ ଏହି ସମସ୍ୟା ଭୋଗନ୍ତି, ସେମାନଙ୍କର ପୂରା ପରିବାର ହଇରାଣ ହୋଇଯିବା ସ୍ୱାଭାବିକ । ଅନେକେ ବାନ୍ତିରୁ ବର୍ତ୍ତିବା ଲାଗି ଘରୁ ବାନ୍ତି ନ ହେବା ଲାଗି ଔଷଧ କିମ୍ବା ଖଟାମିଠା ଚକୋଲେଟ ଆଦି ଖାଇଥାନ୍ତି । ତେବେ ଏହାର ପ୍ରଭାବ ମାତ୍ର ଅଳ୍ପ ସମୟ ରହେ । ଏହି ସମସ୍ୟାର ମୁକ୍ତି ପାଇବା ଲାଗି ଏଭଳି ଉପାୟ ଆପଣାଇ ପାରନ୍ତି ।

ଯାତ୍ରା କରିବା ବେଳେ ବାନ୍ତି ହେଉଥିଲେ ଝରକା ଦେଇ ବାହାର ରାସ୍ତାକୁ ଦେଖନ୍ତୁ ନାହିଁ । ଏପରି କଲେ ମସ୍ତିଷ୍କ ଗୋଟିଏ ବିନ୍ଦୁ ଉପରେ କେନ୍ଦ୍ରୀଭୂତ ହୋଇଯିବ ଏବଂ ମୁଣ୍ଡ ବୁଲାଇ ବାନ୍ତି ହୋଇଥାଏ ।

କାରରେ ଯାତ୍ରା କରୁଥିଲେ ଆଗ ସିଟରେ ବସିବାକୁ ଚେଷ୍ଟା କରନ୍ତୁ । ତେବେ ବସ କିମ୍ବା ଅନ୍ୟ କୌଣସି ବଡ଼ ଗାଡ଼ିରେ ଯାତ୍ରା କରୁଥିଲେ ଏପରି ସିଟ୍ ବାଛନ୍ତୁ, ଯେଉଁଠି ଗାଡ଼ିର ବେଗ କମ ଲାଗୁଥିବ । ସବା ପଛ ସିଟରେ ଆଦୌ ବସନ୍ତୁ ନାହିଁ । ସମ୍ଭବ ହେଲେ ମଝି ସିଟର ଝରକା ପାଖରେ ବସିବା ଭଲ ।

କୌଣସି ମିଣ୍ଟ ସ୍ୱାଦଯୁକ୍ତ ଟଫି ଖାଇପାରିବେ । ନଚେତ ରୁମାଲରେ କେଇଟୋପା ମିଣ୍ଟ ତେଲ ପକାଇ କିଛିକିଛି ସମୟ ଏହାକୁ ଶୁଙ୍ଘନ୍ତୁ । କଞ୍ଚା ଆମ୍ବ କିମ୍ବା ତେନ୍ତୁଳି ଖାଇପାରିବେ । ମନ ଅସ୍ଥିର ହେବନି । ମିଣ୍ଟ ସ୍ୱାଦଯୁକ୍ତ ଚା ମଧ୍ୟ ଆରାମ ଦେଇଥାଏ ।

ଅନେକଙ୍କର ଧାରଣା ଯେ ଘରୁ ଖାଇକରି ଗଲେ ଗାଡ଼ିରେ ବାନ୍ତି ହୁଏ । ଏହା ଭୁଲ । ଖାଲି ପେଟରେ ଘରୁ ବାହାରି ଗାଡ଼ିରେ ଯାଆନ୍ତୁ ନାହିଁ । ଅବଶ୍ୟ ଅଧିକ ଖାଇଲେ ବାନ୍ତି ହୋଇପାରେ । ତେଣୁ ଅଳ୍ପ ଖାଆନ୍ତୁ, କିନ୍ତୁ ତେଲିଆ କିମ୍ବା ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏପରି ଖାଦ୍ୟ ହଜମ ହେବାକୁ ବହୁ ସମୟ ଲାଗେ, ତେଣୁ ବାନ୍ତି ହେବାର ଆଶଙ୍କା ରହିଛି ।ପାଟିରେ ଅଦାଖଣ୍ଡେ ପକାଇଲେ ମଧ ବାନ୍ତି ପ୍ରାୟ ହୋଇନଥାଏ । ରାସ୍ତାରେ ଅଟକି ଅଦା ଚା ପିଇପାରିବେ ।

# ସ୍ମାର୍ଟ ପୋଷାକର ଯୁଗ

ଏବେ ସ୍ମାର୍ଟ ଫୋନ ପରେ ପରେ ବଜାରରେ ଶୀଘ୍ର ଉପଲବ୍ଧ ହେବ ସ୍ମାର୍ଟ ପୋଷାକ । କାନାଡାର ଗବେଷକଗଣ ଏହି ସ୍ମାର୍ଟ ସାର୍ଟ ତିଆରି କରିଛନ୍ତି । ବିଭିନ୍ନ ପ୍ରକାର ସର୍ବେକ୍ଷଣରୁ ସେମାନେ ଜାଣିପାରିଲେ, କାର୍ଯ୍ୟାଳୟ ହେଉ କିମ୍ବା ଘରେ ହେଉ ଅଧିକାଂଶ ଲୋକଙ୍କର ୪୦ ବର୍ଷ ପରେ ଅଣ୍ଟା ରୋଗ ବାହାରୁଛି । ସେଥିପାଇଁ ଅନେକ ସମୟରେ ସେମାନେ ଅସ୍ୱସ୍ତି ଅନୁଭବ କରିବା ସହ ଉଠବସ ହୋଇପାରନ୍ତି ନାହିଁ । ତେବେ ଏହି ସ୍ମାର୍ଟ ପୋଷାକ ସେଭଳି ଲୋକଙ୍କ କଷ୍ଟ ଅନେକାଂଶରେ ଲାଘବ କରିବ । ଏହି ପୋଷାକ ପିନ୍ଧିବା ପରେ ଏଥିରେ ଲାଗିଥିବା କୁନି ଯନ୍ତ୍ରଗୁଡ଼ିକ ସିଧାସଳଖ ବସିବା ନିମନ୍ତେ ବ୍ୟକ୍ତି ଉପରେ ପ୍ରଭାବ ପକାଇଥାନ୍ତି । ଶୋଇଲେ, ବସିଲେ, ଚାଲିରେ ସବୁ ସମୟରେ ସିଧା ହୋଇ କାର୍ଯ୍ୟ କରିବାକୁ ପୋଷାକଟି ଏକରକମ ବାଧ୍ୟ କରିବ । ପୋଷାକଟି ବ୍ୟାଟେରି ଓ ବ୍ଲୁଟୁଥ ମାଧ୍ୟମରେ ପରିଚାଳିତ । ଏହା ସହ କୌଣସି ପ୍ରକାର ଅସହଜ ମନେ କଲେ ବ୍ଲୁଟୁଥ ଦ୍ୱାରା ପୋଷାକକୁ ନିଜ ସ୍ମାର୍ଟଫୋନ ଦ୍ୱାରା ନିୟନ୍ତ୍ରଣ କରିହେବ । ଉଭୟ ମହିଳା- ପୁରୁଷଙ୍କ ନିମନ୍ତେ ଉପଲବ୍ଧ ଏହି ପୋଷାକରୀ ମୂଲ୍ୟ ୨୫ ହଜାର ଟଙ୍କା ଧାର୍ଯ୍ୟ ହୋଇଛି ।

# ପିଆଜ ରସରେ କେଶ ଚର୍ଚ୍ଚା

ବିଭିନ୍ନ ବ୍ୟଞ୍ଜନରେ ପିଆଜର ବ୍ୟବହାର କରାଯାଏ । ସ୍ୱାଦ ବୃଦ୍ଧି କରିବା ସହିତ ଏହି ପରିବାରଟି ସ୍ୱାସ୍ଥ୍ୟ ପାଇଁ ମଧ ଉପକାରୀ । ପିଆଜର ଉପଯୋଗ କରି କେଶ ଚର୍ଚ୍ଚା ତଥା ସୁରକ୍ଷା ମଧ କରାଯାଇପାରିବ । ପିଆଜ ରସରେ ଥିବା ସଲଫର କେଶ ଝଡ଼ାକୁ ରୋକିବା ସହ ଘନତ୍ୱ ବୃଦ୍ଧି କରେ ।



- ଅଧ କପ୍ ପିଆଜ ରସରେ ୭-୮ଟି ଭୃସୁଙ୍ଗ ପତ୍ର ମିଶାଇ ବାଟିଦେବେ । ଏହି ମିଶ୍ରଣରେ ଦହି ୧ଚାମଚ ମିଶାଇ କେଶମୂଳରେ ମାଲିସ୍ କଲେ କେଶରୀ ଘନତ୍ୱ ୧ମାସ ମଧ୍ୟରେ ବୃଦ୍ଧି ପାଏ । ସପ୍ତାହକୁ ୨ଥର ଏହି ଉପାୟ କରିବା ଭଲ ।
- ୨ଚାମଚ ପିଆଜ ରସ ଓ ୧ଚାମଚ ନଡ଼ିଆ ତେଲକୁ ମିଶାଇ କେଶମୂଳରେ ମାଲିସ କରି ରାତିରେ ଶୋଇବେ । ସକାଳୁ ଉଠି ଥଣ୍ଡା ପାଣିରେ କେଶ ଧୋଇବେ । ଏହି ପ୍ରକ୍ରିୟାରେ କେଶ ଝଡ଼ିବା କମ୍ ହୁଏ ।
- ୨ଚାମଚ ପିଆଜରସରେ ୧ଚାମଚ ମହୁ ମିଶାଇ କେଶ ମୂଳରେ ଲଗାଇଲେ କେଶ କୋମଳ ଓ କଳା ହୋଇଥାଏ ।
- ୨ଚାମଚ ପିଆଜ ରସ ଓ ଗୋଟିଏ ଅଣ୍ଡାର ଧଳା ମିଶାଇ କେଶରେ ପ୍ୟାକ୍ ପରି ଲଗାଇ ୨୦ମିନିଟ୍ ପରି ଧୋଇନେବେ । ଏହା କେଶଝଡ଼ା ନିୟନ୍ତ୍ରଣ ପାଇଁ ଏକ ଉତ୍ତମ ପ୍ୟାକ୍ ଅଟେ ।
- ଅଲିଭ ତେଲ ଓ ପିଆଜ ରସ ସମପରିମାଣର ନେଇ କେଶମୂଳରେ ମାଲିସ କଲେ ଘନତ୍ୱ ବୃଦ୍ଧି ପାଇବା ସହ ଝଡ଼ିବା କମ ହୁଏ ।
- ୨ଚାମଚ ପିଆଜ ରସ ଓ ୧ଚାମଚ ବାଦାମ ତେଲ ମିତଶାଇ ସପ୍ତତାହକୁ ୨ଥର କେଶରେ ଲଗାଇଲେ କେଶ ଶକ୍ତ ହୋଇଥାଏ ।
- ପିଆଜ ରସ ୧ଚାମଚ ଓ ସୋରିଷ ତେଲ ୨ଚାମଚକୁ ମିଶଶଇ କେଶରେ ଲଗାଇଲେ କେଶ ଚିକ୍କଣ ଦେଖାଯିବା ସହ ଘନତ୍ୱ ବୃଦ୍ଧି ପାଏ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୯ ସେପ୍ଟେମ୍ବର ୨୦୨୨, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ଥାୟୀ ଭବିଷ୍ୟତ...

ବର୍ତ୍ତମାନ ସମଗ୍ର ବିଶ୍ୱ ବିଭିନ୍ନ ଦିଗରୁ ଏକାଧିକ ସଂକଟ ଯଥା ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ଜଳବାୟୁର ଦ୍ରୁତ ପରିବର୍ତ୍ତନ ଏବଂ ସେଥିପାଇଁ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ସୃଷ୍ଟି ହେବା ସହିତ ବେଳକୁ ବେଳ ନିମ୍ନ ଗତି ଆପଣାଇ ଚାଲିଥିବା ମାନବ ବିକାଶ ଏବଂ ୟୁକ୍ରେନ୍ ଯୁଦ୍ଧ ପର୍ଯ୍ୟନ୍ତ ଅନେକ ସମସ୍ୟାରେ ସାମନା କରି ଚାଲିଥିବା ବେଳେ ଜାତିସଂଘ ସାଧାରଣ ସଭାର ୭୭ତମ ଅଧିବେଶନ ଅନୁଷ୍ଠିତ ହେଉଛି। ଏହା ୧୩ ତାରିଖରୁ ଆରମ୍ଭ ହୋଇ ସାରିଛି ଏବଂ ୨୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବର୍ତ୍ତମାନ ସମୟରେ ବିଶ୍ୱର ସବୁ ରାଷ୍ଟ୍ରଙ୍କ ମଧ୍ୟରେ ସହଯୋଗ ରକ୍ଷା କରାଯିବା ଯେତିକି ଆବଶ୍ୟକ ମନେ ହେଉଛି, ଆଗରୁ କେବେ ଏମିତି ହୋଇନଥିଲା। ତେବେ ଜାତିସଂଘର ସାଧାରଣ ସଭା ଉପରେ କୂଟନୀତିକ ବିଶ୍ୱର ଯେତିକି ଆଖି ନାହିଁ, ତତୋଧିକ ରହିଛି ଉଜ୍‌ବେକିସ୍ତାନର ସମରକନ୍ଦ ଉପରେ, ଯେଉଁଠି ସାଂଘାଇ କୋଅପରେସନ୍ ଅର୍ଗାନାଇଜେନର ସଦସ୍ୟ ରାଷ୍ଟ୍ର ଏବଂ ପର୍ଯ୍ୟବେକ୍ଷଣକାରୀ ରାଷ୍ଟ୍ରମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଡଜନେରୁ ଅଧିକ ନେତା ଗୁରୁବାର ଦିନ ଏକ ଦୁଇଦିନିଆ ସାକ୍ଷାତ ଆଲୋଚନା ଆରମ୍ଭ କରି ଦେଇଥିଲେ। ଏହି ଅବସରରେ ୟୁକ୍ରେନ୍ ସହିତ ଯୁଦ୍ଧ ଆରମ୍ଭ କରିବା ପରଠାରୁ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଏବଂ ତାଙ୍କର ଚୀନ୍ ପ୍ରତିପକ୍ଷ ଜି ଜିନପିଙ୍ଗ ମଧ୍ୟରେ ସାମନା ସାମନି ଆଳାପ ଆଲୋଚନା ହୋଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ସିଲକ୍ ରୁଟ୍ ନଗରୀରେ ଅଛନ୍ତି ଏବଂ ପୁତିନଙ୍କ ସମେତ ଅନେକ ନେତାଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି, ଯଦିଓ ଚୀନ୍ ରାଷ୍ଟ୍ରପତିଙ୍କ ସହିତ ତାଙ୍କର ଆଳାପ ଆଲୋଚନା ହେବ କି ନାହିଁ, ତାହା ଜଣାପଡ଼ିନଥିଲା। ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବାପାଇଁ ଏକମାତ୍ର ସର୍ବାଧିକ ପ୍ରଭାବଶାଳୀ ମଧ୍ୟସ୍ଥି ତୁର୍କୀର ରାଷ୍ଟ୍ରପତି ରିସେପ୍ ତାୟିପ୍ ଏର୍ଦୋଗାନ୍ ମଧ୍ୟ ସମରକନ୍ଦରେ ଥିଲେ। ଏମାନଙ୍କ ବ୍ୟତୀତ ସେଠାରେ ଥିଲେ ବେଲାରୁଷ, ଇରାନ୍, ମଙ୍ଗୋଲିଆ, କାଜାଖସ୍ତାନ, କିରଗିଜ୍‌ସ୍ତାନ, ତାଜିକିସ୍ତାନ, ଆଜରବାଇଜନ୍, ତୁର୍କମେନିସ୍ତାନ ଏବଂ ଆତିଥ୍ୟ ପ୍ରଦାନକାରୀ ରାଷ୍ଟ୍ର ଉଜ୍‌ବେକିସ୍ତାନର ରାଷ୍ଟ୍ରପତିମାନେ। ସଙ୍ଗେ ସଙ୍ଗେ ସେଠାରେ ମଧ୍ୟ ଥିଲେ ପାକିସ୍ତାନର ପ୍ରଧାନମନ୍ତ୍ରୀ। ଆର୍ମେନିଆର ପ୍ରଧାନମନ୍ତ୍ରୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାର ଥିଲା, କିନ୍ତୁ ସେମାନଙ୍କ ମଧ୍ୟରେ ରହିଥିବା ବିବାଦୀୟ ସୀମାକୁ ନେଇ ଆଜରବାଇଜାନର ସେନା ସହିତ ତାଙ୍କ ରାଷ୍ଟ୍ରର ସଂଘର୍ଷ ଆରମ୍ଭ ହୋଇଯିବାରୁ ସେ ଆସିପାରି ନଥିବା ସୂଚନା ମିଳିଥିଲା। ଯୁଦ୍ଧାକ୍ରାନ୍ତ ତଥା ଅର୍ଥନୀତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୟୁରେସିଆର ବଡ଼ ବଡ଼ ନେତାମାନେ ଏସ୍‌ସିଓରେ ଏକାଠି ହେବାକୁ ପସନ୍ଦ କରିବା ଏକ କାକତାଳୀୟ କଥା ନୁହେଁ। ବସ୍ତୁତଃ ଉପରୋକ୍ତ ଚିନ୍ତା ଉଦ୍ରେକାରୀ ପ୍ରସଙ୍ଗ ସହିତ କେତେକ ନେତାଙ୍କର ଘରୋଇ ଆହ୍ୱାନଗୁଡ଼ିକ ଏକ ସମଭାବାପନ୍ନ ଦଳ ଭାବରେ ଉଭା ହେବାକୁ ଅନୁପ୍ରେରିତ କରୁନଥିଲେ ମଧ୍ୟ ଏକାଠି ଆଳାପ ଆଲୋଚନା କରିବା ପାଇଁ ଏସସିଓକୁ ଏକ ମଂଚ ଭାବରେ ଉପସ୍ଥାପନ କରିଛି। ମୋଟାମୋଟି ସମରକନ୍ଦ ପ୍ରତୀତ ହୋଇଛି ଭୂ-ରାଜନୀତିର ଏକ ନୂତନ କେନ୍ଦ୍ର ଭାବରେ। ତେବେ ଜାତିସଂଘର ସାଧାରଣ ସଭାର ଆଲୋଚନା ଏବଂ ଫଳାଫଳ ଉପରେ ସମସ୍ତଙ୍କର ଆଖି ରହିଛି, କାରଣ ସମଗ୍ର ବିଶ୍ୱର ମଙ୍ଗଳ ପାଇଁ ନେତାମାନେ ପରସ୍ପର ସହିତ ଆଲୋଚନା କରି କିଛି ବଳିଷ୍ଠ ପଦକ୍ଷେପ ନେବାକୁ ଏହାଠାରୁ ବଳି ବଡ଼ ସୁଯୋଗ ଆଉ କିଛି ନାହିଁ। ପାକିସ୍ତାନରେ ଚଳିତ ବର୍ଷର ଭୟାବହ ବନ୍ୟାକୁ ପ୍ରତ୍ୟକ୍ଷ କରିବା ଫେରିଥିବା ଜାତିସଂଘର ମହାସଚିବ ଆଣ୍ଟୋନିଓ ଗଟେରେସ୍ ସବୁ ନେତାଙ୍କୁ ପୃଥିବୀର ତାପମାତ୍ରା କମାଇବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ କହିଛନ୍ତି। ପାକିସ୍ତାନରେ ସେ ସମଗ୍ର ବିଶ୍ୱପାଇଁ 'ଅବଶ୍ୟମ୍ଭାବୀ ଜଳବାୟୁ ବିପର୍ଯ୍ୟୟର ଏକ ସ୍ଥାୟୀ ଭବିଷ୍ୟତ' ସମ୍ପର୍କରେ ଦେଖିବାକୁ ପାଇଥିବା ସେ କହିଛନ୍ତି। ଯଥାର୍ଥରେ ସେ ମଧ୍ୟ କହିଥିଲେ ଯେ ଜି ୨୦ ଦେଶଗୁଡ଼ିକ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବା ନିର୍ଗମନର ୮୦ ପ୍ରତିଶତ ପ୍ରଦୂଷଣକାରୀଗୁଡ଼ିକ ପାଇଁ ଦାୟୀ।

# ଏ ମାଟିର ଅନିର୍ବାଣ ଅଗ୍ନିଶିଖା ମା' ମନୋରମା



ମୀରା ବେଉରା

ଏକବିଂଶ ଶତାବ୍ଦୀରେ ନାରୀକୁ ଏକ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ ନାରୀକୁ ତାର ସ୍ୱାଭିମାନ ଓ ସମ୍ମାନର ସହ ବଞ୍ଚିବା ପାଇଁ କେବଳ ଯିଏ ସ୍ୱପ୍ନ ଦେଖି ନ ଥିଲେ ମା' ମନୋରମା ନାରୀଜାତିର ସମ୍ପୂର୍ଣ୍ଣ କଲ୍ୟାଣ ପାଇଁ ନାରୀପ୍ରତି ହେଉଥିବା ଅତ୍ୟାଚାର, ଅନ୍ୟାୟ ତଥା କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ ଓ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଗୋଟିଏ ସୁସ୍ଥ ସମାଜ ଗଠନ କରିବା ପାଇଁ ଆଜୀବନ ସଂଘର୍ଷ କରି ସେବା ଓ ସାଧନାରେ ଯିଏ ବ୍ରତୀ ଥିଲେ ସେ ଥିଲେ ମା' ମନୋରମା। ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ଅନେକ ବାଧାବିପତ୍ତି, ପ୍ରତିବାଦ, ବିରୋଧ ତଥା ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯେଉଁ ମହୀୟସୀ ନାରୀ ନିଜର ଜୀବନ ଧର୍ମୀ ସାଧନା ଦ୍ୱାରା ସମଗ୍ର ମାତୃଜାତିର କଲ୍ୟାଣ କରି ଚିର ନମସ୍ୟା ପାଲଟି ଯାଇଥିଲେ। ସେମାନଙ୍କ ମଧରେ ମା' ମନୋରମା ଥିଲେ ମାତୃଜାତିର ଏକ ଅମ୍ଳାନ ପ୍ରତିଭା।

ପିତା ଶତାୟୁ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ପଦ୍ମଭୂଷଣ ଡଃ. ରାଧାନାଥ ରଥଙ୍କର ସେ ଥିଲେ ଅତି ଅଳିଅଳ ଉପଯୁକ୍ତ କନ୍ୟା ଏବଂ ବିଖ୍ୟାତ ପରିବେଶବିତ୍ ପଦାରବିନ୍ଦ ମହାପାତ୍ରଙ୍କ ସହଧର୍ମିଣୀ 'ଏତେ ଆଭିଜାତ୍ୟ ସଂସ୍କୃତି ସମ୍ପନ୍ନ ପରିବାରରେ ଜନ୍ମଗ୍ରହଣ କରି ସୁଦ୍ଧା ମନରେ ଟିକିଏ ବି ଗର୍ବ ଏବଂ ଅହଂକାର ନଥିଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପଦାନୁସରଣ କରି ତାଙ୍କର ଶିଷ୍ୟତ୍ୱ ମଧ ଗ୍ରହଣ କରିଥିଲେ। ଗୋଟିଏ ପଟେ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଆଉ ଗୋଟିଏ ପଟେ ପିତା ରାଧାନାଥ ରଥଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାରେ ନିଜକୁ ବ୍ରତୀ କରାଇ ନାରୀଶକ୍ତିର ପ୍ରମୁଖ ଭୂମିକା ଗ୍ରହଣ କରି ଦଳିତ, ଅବହେଳିତ, ଅସହାୟ ମହିଳା ଏବ ଶିଶୁମାନଙ୍କର ଆଦର୍ଶ ମା'ଟିଏ ପାଲଟି ଯାଇଥିଲେ।

ଏକାଧାରାରେ ସେ ଥିଲେ ପଥପ୍ରଦର୍ଶିକା, ନୈତିକପଥର ଅଭିଯାତ୍ରୀ, ଆଜୀବନ ସାଧିକା, ତେଜସ୍ୱିନୀ, ସଂସ୍କୃତି ସମ୍ପନ୍ନା, ପରିପୂର୍ଣ୍ଣ ସ୍ନେହର ପ୍ରତିମୂର୍ତ୍ତି ମା' ମନୋରମା। ଗୋଟିଏ ପଟେ ସ୍ନେହ, କରୁଣା, ଶ୍ରଦ୍ଧା, ନୀତି, ଆଦର୍ଶ, ପ୍ରଜ୍ଞାର ଏକ ଅପୂର୍ବ ଆଶ୍ଚର୍ଯ୍ୟ ସମନ୍ୱୟ, ପୁଣି ଆଉ ଗୋଟିଏ ପଟେ ସେବା, ମମତା, ସାଧନାର ପ୍ରତିମୂର୍ତ୍ତିର ରୂପ। ବିଶ୍ୱାସ ନହେଲେ ବି ସତ, ସେ ଏତେ ପ୍ରଜ୍ଞାର ଅଧିକାରୀ ହୋଇ ମଧ ମନରେ ଟିକିଏ ଗର୍ବ କି ଅହଂକାର ନଥିଲା। ସେବା ଯେମିତି ତାଙ୍କର ଜୀବନର ବ୍ରତ ପାଲଟି ଯାଇଥିଲା। ଲୋକ ସେବକ ମଣ୍ଡଳ, ଲୋକ ସେବକ ଯୁବମଣ୍ଡଳ, ଓଡ଼ିଶା ନାରୀ ସେବା ସଂଘ, ରାଧାନାଥ ଟ୍ରଷ୍ଟ, ମା' ରମାଦେବୀ ଟ୍ରଷ୍ଟ, ଓଡ଼ିଶା ଲେଖିକା ସଂସଦ, ଓଡ଼ିଶା ସ୍କାଉଟ୍ ଗାଇଡ୍‌ସ ଅନୁଷ୍ଠାନଠାରୁ ଆରମ୍ଭ କରି ଅନେକ ଦୀନଦୁଃଖୀ ଦରିଦ୍ର ଅସହାୟ, ନିଷ୍ପେଷିତ ଲୋକମାନଙ୍କ ପ୍ରତି ସଦା ବିଳପି ଉଠୁଥିଲା ତାଙ୍କ ହୃଦୟ। ପ୍ରତିଦିନ ସକାଳୁ ଉଠି ବଗିଚାରୁ ଫୁଲ ତୋଳି ଘର ଠାକୁରାଣୀଙ୍କ ପାଇଁ ମାଳା ଗୁନ୍ଥିବା ତାଙ୍କର ଥିଲା ନିତ୍ୟକାର୍ଯ୍ୟ ଭିତରେ ପ୍ରଥମ କାର୍ଯ୍ୟ। ଠାକୁର ଘରଟିକୁ ଦେଖିଦେଲେ ପେଟ ପୂରିଯାଏ। ସୁନ୍ଦର ସୁନ୍ଦର ମାଳା ତିଆରି କରି ସବୁ ଠାକୁରଙ୍କୁ ପିନ୍ଧାଇ ସେ ଅପାର ଆନନ୍ଦ ଲାଭ କରୁଥିଲେ। ଏହାପରେ ଆରମ୍ଭ ହୁଏ ମା'ଙ୍କର ସମାଜ ସେବା, ନିଜ ଖାଇବା ପାଇଁ ସେ ଆଦୌ ବ୍ୟସ୍ତ ହୁଅନ୍ତିନି। ସବୁବେଳେ ଘରକୁ ଯିଏ ଆସନ୍ତୁନା କାହିଁକି ନିଜେ ଦୌଡ଼ି ଯାଇ ଖାଦ୍ୟବାଢ଼ି ଦେଇ ସମସ୍ତଙ୍କୁ ଖୁଆଇବାରେ ସେ ଅପାର ଆନନ୍ଦ ଲାଭ କରନ୍ତି। ବସ୍ତି ଅଞ୍ଚଳର ପିଲାମାନଙ୍କୁ ଏବଂ ମହିଳାମାନଙ୍କୁ ସେ ଆନ୍ତରିକତାର ସହ ଭଲପାଆନ୍ତି ଏବଂ ସେମାନଙ୍କର ସୁଖ ସୁବିଧା ପାଇଁ ସବୁବେଳେ ବ୍ୟସ୍ତ ହୋଇପଡ଼ନ୍ତି। ଗୋଟିଏ ପଟେ ସାହିତ୍ୟ ସାଧନା ଏବଂ ଆରପଟେ ସମାଜସେବା। ପୁଣି ସଭା ସମିତିରେ ଯୋଗଦାନ କରି ନିଜର ଚମତ୍କାର ବକ୍ତବ୍ୟ ଦ୍ୱାରା ଆବାଳବୃଦ୍ଧ ବନିତାଙ୍କୁ ମନ୍ତ୍ରମୁଗ୍ଧ କରିବା ଥିଲା ତାଙ୍କ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଆଉ ଏକ ଅଧ୍ୟାୟ । ସତରେ ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଯେ ସେ ପ୍ରକୃତରେ ଦେବୀ ନା ମାନବୀ। ନିରାଶ ଭାବନା, ନିରୁତ୍ସାହ କ୍ଳାନ୍ତି, ଥକିପଡ଼ିବା ଏହି ସବୁ ନାସ୍ତିବାଚକ ଶବ୍ଦ ମୁଁ କେବେ ତାଙ୍କ ବ୍ୟକ୍ତିତ୍ୱ ଭିତରେ ଦେଖିବାକୁ ପାଇନି। ଜୀବନ ଯୁଦ୍ଧର ଯେତେବେଳେ ମୁଁ ସଂଘର୍ଷ କରି ଥକିପଡ଼େ ଠିକ୍ ସେତିକିବେଳେ ମା' ମନୋରମାଙ୍କ ମୁଖମଣ୍ଡଳ ମୋ' ଆଖିରେ ନାଚିଆସେ। ମୋ' ଭିତରେ ଅଜସ୍ରଶକ୍ତି ସଞ୍ଚାର କରେ। ପ୍ରକୃତରେ ସେ ଥିଲେ ଅଜସ୍ର ଶିଷ୍ୟଙ୍କର ଗୁରୁ। ମୂକକୁ ବାଚାଳ କରିବାର ଶକ୍ତି ପଙ୍ଗୁକୁ ଗିରିଲଂଘନ କରିବାର ଶକ୍ତି। ଶିଷ୍ୟମାନଙ୍କ ଭିତରେ ଯଦି କିଏ ରୋପଣ କରିପାରୁଥିଲା ସେ ଥିଲେ ମା' ମନୋରମା। ପ୍ରତିକୂଳ ପରିସ୍ଥିତି ହିଁ ମଣିଷକୁ ଆଗକୁ ନିଏ ଯାହାଥିଲା ତାଙ୍କର ପ୍ରେରଣା। ସହିବା ଶକ୍ତିର ଗୋଟିଏ ପାହାଡ଼ ଥିଲେ ସେ। ଜୀବନର ସୁଖଦୁଃଖକୁ ସେ ମୋ' ପାଖରେ ପରିବେଷଣ କରନ୍ତି କିନ୍ତୁ ମନରେ କେବେବି ଅଭିଯୋଗ; ଅଭିମାନ, କ୍ଷୋଭ ନଥାଏ। ସମସ୍ତଙ୍କୁ କ୍ଷମା କରିଦିଅନ୍ତି। ସ୍ନେହ, ପ୍ରେମ ଭଲପାଇବା, ଆଶୀର୍ବାଦ, ସେବା ମନୋଭାବ ସବୁ ଯେମିତି ତାଙ୍କ ଭିତରେ ଖୁନ୍ଦି ହୋଇରହିଥାଏ। ଉପରେ ଯଦିଓ ବେଳେବେଳେ ଅଭିମାନ କରନ୍ତି କିନ୍ତୁ ଭିତରେ ସ୍ନେହ କରୁଣା, ପ୍ରେମର ଛଳଛଳ ଚିର ସ୍ରୋତସ୍ୱିନୀ ନଦୀଟିଏ। ତାଙ୍କୁ ବୁଝିବା ଏତେ ସହଜ ନୁହେଁ। ସେଇଥିପାଇଁ ସେ ଲେଖିଥିଲେ ତାଙ୍କ କବିତାରେ

'ଅବୁଝା ରହିଲି ମୁଁ ଚିରକାଳ।'

କି ଯାଦୁଥିଲା ତାଙ୍କ ଭଲପାଇବାରେ କେଜାଣି ଦିନେ ଦେଖା ନହେଲେ, ଦିନେ ଫୋନ୍‌ରେ କଥା ନ ହେଲେ ଦିନଟି ଅଧା ରହିଯାଉଥିଲା। ତାଙ୍କୁ ଦେଖା କରିବା ପାଇଁ ଅଜସ୍ର ବ୍ୟାକୁଳତା ବଢ଼ିଯାଉଥିଲା। ପ୍ରଜ୍ଞା ଓ ଜ୍ଞାନର ପୂର୍ଣ୍ଣ କଳସୀଟିଏ ଥିଲେ ମା' ମନୋରମା। ଆଜି ଯଦି ମୁଁ ଲେଖନୀ ଧରିଛି ବା କିଛି ସେବାକାର୍ଯ୍ୟ କରୁଛି। ତାହା କେବଳ ତାଙ୍କର ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି। ଆଜି ନାରୀ ସଂଘ ପକ୍ଷରୁ ସେବା କାର୍ଯ୍ୟ କରୁଥିଲୋ ବେଳେ ଲାଗେ ତୁମେ ଆମ ସହ ଯେମିତି ସେବା କାର୍ଯ୍ୟ କରାଇନେଉଛ। ସବୁବେଳେ କହୁଥିଲେ-

'ସଜ୍ଜନ ପଥେ ଯେ ଚରଇ
କଲ୍ୟାଣ ଆସି
ତାକୁ ଆପେ ବରଇ'

ମୋ' କଥା କହିବାର ସ୍ୱରକୁ ସେ ସଜାଡ଼ି ଦେଇ ଶାଣିତ କରିଦେଇଥିଲେ। ଖାଲି ମୁଁ ନୁହେଁ ତାଙ୍କରି ଜାଦୁକରି ସ୍ପର୍ଶରେ ଆଜି ସମାଜରେ ସୃଷ୍ଟି ହୋଇଛନ୍ତି ହଜାର ହଜାର ଶିକ୍ଷକ, ସମାଜସେବୀ, ପୋଲିସ ଅଫିସର, ଆଇନ୍‌ଜୀବୀ, ସାହିତ୍ୟିକ। ସେ ହିଁ ଥିଲେ ସମାଜର ପଥପ୍ରଦର୍ଶିକା ମା' ସଦା ଚଳଚଞ୍ଚଳ, ହସହସ ମୁହଁ ଆମ ଭିତରେ ସକାରାତ୍ମକ ମନୋଭାବକୁ ଉଜ୍ଜୀବିତ କରେ।

ପ୍ରତିମୁହୂର୍ତ୍ତରେ ମା' ପରି ଆକଟ କରୁଥିଲେ ଏବଂ କହୁଥିଲେ 'ତୁମେ ପାରିବ' ଆମେ ସିନା ପୁରାତନ ଯୁଗର ନାରୀ ହେଲେ ତୁମେ ଏ ଯୁଗର ନାରୀ, ବିପ୍ଳବୀ ହୁଅ, ଯଶସ୍ୱିନୀ ହୁଅ। ତୁମେ ସବୁଠି ଜୟଲାଭ କରିବ। ତାଙ୍କୁ ଥରେ ଦେଖିଦେଲେ ମନର କଥା କହିଦେଲେ ସବୁ ଦୁଃଖଯନ୍ତ୍ରଣା ଉପସମ ହୋଇ ମନଭିତରେ ଅଜସ୍ର ଶକ୍ତି ସଂଚାର ହୋଇଯାଏ। ମନଭିତରେ ସବୁ



ଅସମ୍ଭବ ସମ୍ଭବ ହୋଇଯାଏ। ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧଣି ଲେଖନୀ ଚଳାଇ ଆସୁଥିଲେ ସେ । ଅନେକ ଗଳ୍ପ, ରମ୍ୟରଚନା, ସାହିତ୍ୟକୃତି, କବିତା, ଶିଶୁ ସାହିତ୍ୟ, ସମ୍ପାଦକୀୟ, ସ୍ତମ୍ଭ ତାଙ୍କୁ କେବଳ ଓଡ଼ିଶାରେ ନୁହେଁ କି ଭାରତବର୍ଷରେ ନୁହେଁ ସମଗ୍ର ପୃଥିବୀରେ ଜାତୀୟ ଆନ୍ତର୍ଜାତୀୟସ୍ତରରେ ଚିରସ୍ମରଣୀୟ କରିରଖିବ। ବିଭିନ୍ନ ଭାଷାରେ ଥିଲା ଅସୁମାରୀ ଦକ୍ଷତା। 'କବିତା ଥିଲା ତାଙ୍କ ଜୀବନ। ହେ ଜ୍ଞାନ ତପସ୍ୱିନୀ, ଚିର ନମସ୍ୟା, ଚିର ବନ୍ଦନୀୟା, ତୁମେ ପ୍ରକୃତରେ ଏ ମାଟିର ଅନିର୍ବାଣ ଅଗ୍ନୀଶିଖା। ଏ ମାତୃଜାତି ପାଇଁ ଚିର ଅମ୍ଳାନ ପ୍ରତିଭା, ତୁମ ସନ୍ତାନ ପ୍ରତି ତୁମର ଅଜସ୍ର ପ୍ରେମ, ନିଷ୍କପଟ ଭଲପାଇବା, ନିଃସ୍ୱାର୍ଥ କର୍ମ, ଛଳନାହୀନ ଭଲପାଇବାକୁ ପାଥେୟ କରି ଯଦି ସେହି ରାସ୍ତାରେ ତୁମର ଅନୁଗାମିନୀ ହୋଇ ସାହସର ସହ, ବିଶ୍ୱାସ, ସାମର୍ଥ୍ୟ ଓ ଧୈର୍ଯ୍ୟକୁ ଅସ୍ତ୍ରକରି ଯଦି ନିର୍ଦ୍ଦ୍ୱନ୍ଦ୍ୱରେ ତୁମର ଅସ୍ଥରତା ସ୍ୱପ୍ନକୁ ସାକାର କରିବା ପାଇଁ ଆଗ୍ରହର ସହ ଅବିଶ୍ରାନ୍ତ ଭାବେ କାର୍ଯ୍ୟ କରିଚାଲିବା ତେବେ ହେ ପ୍ରେମମୟୀ, ସେବାମୟୀ, ଯଶ୍ୱସିନୀ ମା' ତାହା ହିଁ ହେବ ତୁମ ଅମର ଆତ୍ମା ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି।

+ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪

# ନିଶା ନିବାରଣ କ୍ଷେତ୍ରରେ ସଚେତନତା ଜୋର କାମ ଦେଉଛି



ସୁବ୍ରତ କର

ସରକାରଙ୍କ ତଥ୍ୟକୁ ଆଧାର କରି ଯେଉଁ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ନିଶା ନିବାରଣ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଛନ୍ତି ସେମାନଙ୍କ ପାଇଁ ଖୁସି ଖବର । ଏବେ ଦେଖିବା ସରକାରଙ୍କ ତଥ୍ୟ କଣ? ଗତ ୫ ମାସ ଭିତରେ ପ୍ରାୟ ୨୩୯୧୭ ମାମଲା ପଞ୍ଜୀକୃତ ହୋଇଛି । ଏହି ମାମଲାକୁ ଆଧାର କରି ପ୍ରାୟ ୧୯ ହଜାରରୁ ଉର୍ଦ୍ଧ୍ୱ ଗିରଫ ହୋଇଛନ୍ତି । ଏହି ତଥ୍ୟକୁ ଆରବର୍ଷ ସହିତ ତୁଳନା କଲେ ଆମେ ଦେଖିବା ପ୍ରାୟ ୬୦ରୁ ଭାଗ ବୃଦ୍ଧି ପାଇଛି । ଏହି ଖବର ଆସିଛି ଖୋଦ୍ ଅବକାରୀ କମିଶନରଙ୍କ ପାଖରୁ । ଏହା ଆମକୁ ସୂଚାଉଛି ଯେ ସାଧାରଣ ଜନତାଙ୍କ ସହିତ ଅବକାରୀ ବିଭାଗ ମଧ ପ୍ରଚୁର ସଚେତନ ହୋଇଛନ୍ତି ଏବଂ ବିଶେଷକରି ଅବକାରୀ ବିଭାଗ ଏବେ ନିଜର କାର୍ଯ୍ୟକୁ ଭଲ ଭାବରେ ବୁଝି ପାରିଛନ୍ତି । ବିଭାଗ କେତେ ସଚେତନ ଏହି ତଥ୍ୟରୁ ଜଣାପଡ଼ିଛି । ଗତ ୫ମାସ ମଧରେ ୬୭୯୧ କେ.ଜି ଭାଙ୍ଗ, ୭ଲକ୍ଷରୁ ଉର୍ଦ୍ଧ୍ୱ ଲିଟର ଦେଶି ରନ୍ଧା ମଦ, ୧୨୪୮୭ ଲିଟର ମହୁଲି ମଦ ଏବଂ ଟିକସ ଫାଙ୍କି ୩୦୦ ଲିଟର ଭାରତ ତିଆରି ବିଲାତି ମଦ ଜବତ୍ କରାହୋଇଛି । ଏହା ସହିତ ୧୧୧୭ଟି ଦୁଇ ଚକିଆ ଏବଂ ଚାରି ଚକିଆ ଯାନକୁ ମଧ ବିଭାଗ ଜବତ୍ କରିଛି । ଏହା ସହିତ ୪୧୦ ଲିଟର କଫ୍‌ସିରାପ ଏବଂ ୪୦୦୦ ନାଇଟ୍ରାଜେପାମ ବଟିକା ଏବଂ ୯୮୭୪ ଗ୍ରାମ ଧଳା ଜହର । ଏହା ପାଇ ସତରେ ଶ୍ରେୟ ଯିବ ଅବକାରୀ ବିଭାଗ ଏବଂ ତାଙ୍କର ଅଫିସର ମାନଙ୍କୁ । ଉପରୋକ୍ତ ତଥ୍ୟକୁ ଆଖି ଆଗରେ ରଖି ଆମେ କହି ପାରିବା ନିଶ୍ଚିତ ଭାବରେ ଅବକାରୀ ବିଭାଗ ନିଶା ନିବାରଣ କ୍ଷେତ୍ରରେ ସକ୍ରିୟ ଏବଂ ଆହୁରି ସକ୍ରୀୟ ହେଲେ ଶେଷରେ ଅବକାରୀ ବିଭାଗ ପାଇଁ ସ୍ୱତନ୍ତ୍ର ଜେଲ ତିଆରି କରିବାକୁ ପଡ଼ିବ । ଏବେ ଆସିବା ସାଧାରଣ ଜନତା ଏବଂ ବହୁ ଛୋଟବଡ଼ ଅନୁଷ୍ଠାନ ଯେଉଁମାନେ ନିଶା ନିବାରଣ କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି ସେମାନଙ୍କ ଅବଦାନ କଣ? ଏବେ ସାରା ରାଜ୍ୟରେ ବିଶେଷ କରି ଗାଁ ଗହଳିରେ ଲୋକମାନେ ବିଶେଷକରି ମହିଳାମାନେ ଅତି ସଚେତନ । ପ୍ରତି କ୍ଷେତ୍ରରେ ସେମାନେ ବିରୋଧ କରୁଛନ୍ତି ଏବଂ ଏପରିକି ଏହି କାର୍ଯ୍ୟକରି ଜେଲ ଯିବାକୁ ମଧ ପଛାଉ ନାହାନ୍ତି । ଏହାକୁ ରୋକିବା ପାଇଁ ମହିଳାମାନେ ଜିଲ୍ଲା ପ୍ରଶାସକଙ୍କ ଗୋଡ଼ ଧରିବାକୁ ପଛାଉ ନାହାନ୍ତି ଏବଂ ନେହୁରା ହୋଇ କହୁଛନ୍ତି ମଦ ଦୋକାନ ଆଉ ଖୋଲିବାକୁ ନ ଦିଆହେଉ ଏବଂ ଆମ୍ଭମାନଙ୍କୁ ଶାନ୍ତିରେ ରହିବାକୁ ଦିଆଯାଉ । ସତରେ ଦେଖିବାକୁ ଗଲେ ଜିଲ୍ଲା ସ୍ତରରେ କାହାରି ପାଖରେ କିଛି କ୍ଷମତା ନାହିଁ । ସରକାର ବାହାଦୁର ଠିକ୍ କରିବେ ରାଜ୍ୟରେ ବର୍ଷକୁ ମଦ ଦୋକାନ ଖୋଲିବା ପାଇଁ କେତେ ଲାଇସେନ୍‌ସ ଦିଆଯିବ ଏବଂ ଏଗୁଡ଼ିକ କେଉଁ କେଉଁ ସ୍ଥାନରେ ହେବ । ନିଶାଡ଼ିଙ୍କ ନିଶା ମଦ କିନ୍ତୁ ସରକାରଙ୍କ ନିଶା ପଇସା । କେମିତି ଅବକାରୀ ବିଭାଗ ମାଧ୍ୟମରେ ରାଜକୋଷ ବଢ଼ିବ । ଏଇଠି ସରକାରଙ୍କ କହିବା କଥା ରାଜ୍ୟସ୍ତରରେ ପୁଲିସ ବାବୁମାନଙ୍କୁ ପୁଲିସ ମେଡେଲ ଦିଆହେଉଛି ସେହିପରି ଅବକାରୀ ବିଭାଗରେ ହେବା ଉଚିତ ।




## ଲଣ୍ଠନ

ସୁମିତା ବେହେରା

କେତୋଟି ଧାତବ ପଦାର୍ଥରେ
ମୋତେ ଗଢାଗଲା
ପେଟରେ ଭୋକ ପାଇଁ କିରୋସିନି
ଉପରେ ମୋ ଅସ୍ତିତ୍ୱ ର ପ୍ରମାଣ ରେ
ଅଗ୍ନି ସଂଯୋଗ ହେବା
ବାକି ଥିଲା ।
ମୋ ଭିତରେ ନିଆଁକୁ
ପାଳିବାର ଧୈର୍ଯ୍ୟ
କାହୁଁ କୁଆଡୁ ଆସିଲା
ମୋତେ ବି ଜଣା ନ ଥିଲା ।
ମୋ ହୃଦୟ କାଚକୁ ତତାଇ
ନିଆଁ ସବୁକାଳେ ସୁନାପିଲା
ମୋ କଡିରେ ଜଳିଲା
ମୁଁ ସର୍ବଶେଷ ଶୋଷକୁ
ଉଦରସ୍ଥ କଲି
ମୋ ଛାତିରୁ ଆଲୁଅ ଫୁଲ
ବିଛାଡି ହୋଇ ପଡିଲା ।
କେତେ ଅର୍ଗଳି ରେ
ଝୁମ୍ପୁଡି ଭିତରେ
ପିଲାକବିଲାଙ୍କ ତିମିରାନ୍ଧକାର
ମୋ ବିଶ୍ୱାସ ଉପରେ
ନିଧଡକ ଶୋଇଥିଲେ
ମୋର ତତଲା ନିଃଶ୍ୱାସ ରେ ସେମାନେ
ଆହ୍ଲାଦ ରେ ଜ୍ୟୋତିର୍ମୟ ହେଉଥିଲେ।
ମୋର କ୍ଷୁଦ୍ର କଳେବରର
ଦହନର ଗରିମାରେ
ପୁଷ୍ଟ ସ୍ମିତ ଆଲୋକ
ଯୁଗାନ୍ତର ଅନ୍ଧକାରକୁ ଭେଦ କରୁଥିଲା
ତାହା କେବଳ ମୋତେ ହିଁ ଜଣାଥିଲା।

+ବାରିପଦା , ମୟୂରଭଞ୍ଜ

## ମୋ ସୁନା ପ୍ରେମିକା

ଦିବାକର ନାୟକ

ମୋ ସୁନା ପ୍ରେମିକା ରୂପସୀ ନାୟିକା
ଦେଖିବାକୁ ସିଧାସାଦା
ମୋ ଶୁଖିଲା ମନ କଅଁଳ କଥାରେ
ହେଲେ କରିପାରେ ଓଦା

ମୁଁ ଶୋଇଲେ ଏଠି ନିଦେ
ସପନରେ ଦେଖେ ସିଏ
ସେ ଖୋଲିଲେ ଆଖି ସେଠି
ଆଖିରେ ମୋ ନାଚିଯାଏ

ଏମିତିକା ସିଏ ମନ କୁଞ୍ଜବନେ
ସାଜିଛି ମୋ ପ୍ରୀତି-ରାଧା..
ମୋ ସୁନା ପ୍ରେମିକା ରୂପସୀ ନାୟିକା
ଦେଖିବାକୁ ସିଧାସାଦା (୧)

ସେ ବାଉଳି ହେଲେ ସେଠି
ଲାଗେ ଏଠି ଏକା ମୋତେ
ମୋ ଛାଇ ଦେଖି ମୁଁ ଭାବେ
ମୋ ପାଖେ ଅଛି ସେ ସତେ

ମୋ ଚଲାବାଟକୁ କହିଦେଲି ଆଜି
ଲମ୍ବି ଯା ତା ପାଖେ ସିଧା..
ମୋ ସୁନା ପ୍ରେମିକା ରୂପସୀ ନାୟିକା
ଦେଖିବାକୁ ସିଧାସାଦା (୨)

♥ ପାଟପୁର, କନିସି-୭୬୧୦୦୮
ଭା- ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧



## ଏସବୁ ଛାଡ଼ି ଯିବି ମୁଁ ମଠ

ଡୁଇଟି ଡେଭିଡ ଫିଲିପ

ଖପୁରୀ ଖଣ୍ଡକ ହୋଇଛି ପ୍ରିୟା,
ସବୁ ମାସରେ ହଳଦୀ ବୋଳା,
ତେଲ ନେଇଛି ଔଷଧର ଜାମା,
ଆତ୍ମା ନା ଦେହ?
କହୁଛି ଆଉ କିଛି ଲୋଡା।

ମେଘୁଆ ପାଗକୁ ପୋଖରୀ ବୁଡ଼ା,
ଅଦା ସାଙ୍ଗରେ ନାଲି ଚା ବାସନା,
କାଠ ଚୁଲିର ଝାଞ୍ଜି ଠେଲା,
ଉଷ୍ମ ହାତ ତାଙ୍କ ବିଧବାକୁ
ମନେ ପଡ଼ିଲା।

ସମାଜ ଆଗରେ ଶୁଭ୍ର ଖୋଳ,
ନୀରବ ସବୁ ମୁଖ ଏକାନ୍ତ ଜୀବନ,
ନିରାମିଷ, ବଇରାଗ, ପର୍ବ ବିହୀନ,
ଟ୍ରଙ୍କର ରଙ୍ଗୀନ ଶାଢ଼ୀ, ସେହି ଘର,
ସେହି ପଲଙ୍କ ଓ ଚୁଲିର ଝାଞ୍ଜ ।
ଏସବୁ ଛାଡ଼ି ଯିବି ମୁଁ ମଠ।

+ନାୱାଦା, ବିହାର
ମୋ: ୯୪୩୭୧୦୪୩୦୩

## ସେ ବନ୍ଧୁ

ନୂତନ କୁମାର ବେହେରା

ମନରେ ରଖିଥିବ ଅନାବିଳ ଭାବ
ହୃଦୟ ଥିବ ତାର ନିର୍ମଳ ପବିତ୍ର
ଶୁଭ ଚିନ୍ତନରେ ବାନ୍ଧିଥିବ
ଯିଏ ମଧୁର ସମ୍ପର୍କ...ସେ ବନ୍ଧୁ,
ନିଜ ଜୀବନ ପରି ଭଲ ପାଉଥିବ
ଦେଉ ନ ଥିବ କେବେ ଫୁଲର ଆଘାତ
ରଖିଥିବ ଅତୁଟ ବିଶ୍ୱାସ
ଦୁଃଖ ବିପଦରେ ସାନ୍ତ୍ୱନା ଦେବାକୁ
ପାଶେ ଥିବ ଯିଏ...ସେ ବନ୍ଧୁ।
ମନ କଥା କହୁଥିବ ଖୋଲି ସ୍ପଷ୍ଟ
ନ ରଖି ତିଳେ ଛନ୍ଦ କପଟ
ବଢ଼ାଉଥିବ ସହଯୋଗର ହାତ
ଆଶା ନ ରଖି ଦାନର ପ୍ରତିଦାନ
ସଦା ପ୍ରେରଣା ଦେଉଥିବ
ଦେଖାଉଥିବା ଚାଲିବାକୁ ଭଲ ବାଟ
ନ ରଖି ସ୍ୱାର୍ଥ ଯିଏ...ସେ ବନ୍ଧୁ,
ପରୋକ୍ଷରେ ନିନ୍ଦା କରୁ ନ ଥିବ
ଭୁଲ୍ ଯଦି କେବେ ହୁଏ
ମହନୀୟ ଗୁଣେ କ୍ଷମା କରୁଥିବ
ହତାଦର କି ଘୃଣା କରୁ ନଥିବ
ସଦଭାବ ରଖିଥିବ ଯିଏ...ସେ ବନ୍ଧୁ।
ସୁଦାମା ପରି ହୃଦେ ଥିବ ଶ୍ରଦ୍ଧା
ବିଦୁର ପରି ଥିବ ଉଦାର ବ୍ୟକ୍ତିତ୍ୱ
ଶବରୀ ପରି ଥିବ ନିର୍ବିକାର ମନ
ସେବା ପରାୟଣ ହୋଇଥିବ
ତ୍ୟାଗ କରୁଥିବ ଯିଏ...ସେ ବନ୍ଧୁ,
ଅର୍ଜୁନ ପରି ହୋଇଥିବ ବଶମ୍ବଦ
ପ୍ରଭୁଙ୍କର ହୋଇଥିବ ଆଜ୍ଞାବହ
ସତ୍ୟ ଧର୍ମର ହୋଇଥିବ ଉପାସକ
ସତ୍କର୍ମ କରୁଥିବ ଯିଏ...ସେ ବନ୍ଧୁ।

+ବାରିପଦା,ମୟୂରଭଞ୍ଜ



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ୧୯ ସେପ୍ଟେମ୍ବର ୨୦୨୨

# ବୋଉ : ଆକାଶର ତାରାଟିଏ



ଲଳିତ ମୋହନ ମିଶ୍ର



ଏକ ସ୍ୱର୍ଗୀୟ ଆତ୍ମତୃପ୍ତିର ଅନ୍ୟନାମ ହେଉଛି ବୋଉ । ଏକ ଅବୁଝା ସମୀକରଣର ଉତ୍ତର ହେଉଛି ବୋଉ । ସଦା ଓଠରେ ରକ୍ତ ଗୋଲାପର ସୌନ୍ଦର୍ଯ୍ୟ । ଆଖିରେ ଆଖିଏ ସ୍ନେହର ଭାଷା, ଆଉ ଏକ ଲୁହ-କୋହଭରା ଜୀବନର ଦୃଷ୍ଟାନ୍ତ ହେଉଛି ବୋଉ । ହାରି ହାରି ଜିତିବାର ଶିଖାଇ ଦିଏ ବୋଉ । ଏକ ଅମ୍ଳାନ ପ୍ରେମର ବାହକ ହେଉଛି ବୋଉ । ଲୁଗାର ଚିରା କାନିରେ ଲୁଚାଇଦିଏ, ଅସୀମ ବେଦନା । ଆଉ, ପ୍ରେମ ପ୍ରେରଣାର ପଣତ କାନିରେ ଘୋଡାଇ ଦିଏ ସେହି ସ୍ନେହ ପ୍ରେମ ଆଦର । ବୋଉ ପ୍ରେରଣାଦାୟୀ ଗପଟିଏ ତ, କରୁଣାଭରା ହାତଟିଏ । ସେ ଜଳିଜଳି ସରିଯାଏ, ହସି ହସି ଚାଲିଯାଏ । ଆକାଶରେ ଦ୍ୱିତୀୟା ଜହ୍ନ ହସୁଥିଲା । ଏଇ ଦ୍ୱିତୀୟା ଜହ୍ନକୁ ଦେଖି ଯାହା ମନାସିଲେ, ତା' କୁଆଡେ ମିଳେ ଲୋକ କୁହନ୍ତି । ହେଲେ ଏଇ ଜହ୍ନଟା ସେଦିନ ମୋ ବୋଉକୁ... ମୋ ପାଖରୁ ଛଡେଇ ନେଇଥିଲା । ମୁଣ୍ଡ ଉପରୁ ମୋର ସେହି ଛାତଟି... ସେଦିନ ଉଡେଇ ନେଇଥିଲା ସବୁଦିନ ଲାଗି । ମୁକୁଳା ଆକାଶ ତଳେ ଏକା ଛିଡା ହେବାର ଅସହାୟତା ଯେମିତି ମୋର ସମଗ୍ର ସତ୍ତାକୁ ଜାବୁଡି ଧରିଥିଲା । ବର୍ଷାରେ ଭିଜୁଥିଲେ ବି ଆଉ କେହି ଦଉଡି ଆସି ଭିଡି ନେଇ , ପଣତ କାନିରେ ଦେହ ମୁଣ୍ଡ ପୋଛି ଦେଉ ନ ଥିଲେ । କି ଖରା ତାତିରେ ଅବଶ ହୋଇ ପଡିଥିବା ବେଳେ କିଏ ପଚାରି ଦେଉ ନ ଥିଲେ ମନର କଥା । ପୋକଡା ବାଇଗଣରୁ ପୋକ କାଢି, ଲୁଣ ପଥୁରି କରି, କିଏ ଆଉ ପଖାଳ ବାଢି ଦେଉ ନ ଥିଲେ । ଛଚିନ୍ଦ୍ରା ବେସର ମୋର ପ୍ରିୟ ବୋଲି ଜାଣି କେହି ଆଉ ପିଠି ଆଉଁସି ବାଢି ଦେଉ ନ ଥିଲେ । ଶୀତରେ ଥୁରୁ ଥୁରୁ ଥରିଲା ବେଳେ, କାହାର ଉଷୁମ୍ କୋଳରେ ବିଲେଇ ଛୁଆଟି ଭଳି ଜାଣି.. ଜାକ ଜୁକି ହୋଇ ଗହଳ ନିଦରେ ଶୋଇ ଯାଇ ହୁଏ ନାହିଁ । ସୁବର୍ଣ୍ଣ ଦୀପ୍ତିରେ ଝଟକୁ ଥିବା ଚଳଚଞ୍ଚଳ ମଣିଷଟା କେତୋଟି ମୁହୂର୍ତ୍ତରେ ଜଡତାର ଇସ୍ତାହାର ପାଲଟିଗଲା । ମୋ ବୋଉର ଅବର୍ତ୍ତମାନର ଖବର ରେଡିଓ କିମ୍ବା ଟେଲିଭିଜନରେ ପ୍ରଚାରିତ ହୋଇ ନ ଥିଲା, କିମ୍ବା କୌଣସି ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରି ନ ଥିଲା । ହେଲେ ଆମ ଘରକୁ ଛୁଟୁଥିବା ଲୋକଙ୍କ ସୁଅ ଭିତରେ ପୃଷ୍ଠା ପରେ ପୃଷ୍ଠା ଶୋକ ଗୀତିକା ଆପଣା ଛାଏଁ ଲେଖି ହୋଇ ଯାଇଥିଲା ମୋ ମନ ତଳେ । ସେ ଦିନ ଥିଲା ସରସ୍ୱତୀ ପୂଜା ଆଉ ରାତି ହୋଇ ଯାଇ ଥିବାରୁ ଷଷ୍ଠୀ ତିଥି ଲାଗିଗଲା । ସେହି ଦିନ ଠାରୁ ପ୍ରତିବର୍ଷ ସରସ୍ୱତୀ ପୂଜା ବାସି ମୋ ବୋଉର ଶ୍ରାଦ୍ଧ ଦିବସ । ଶ୍ରାଦ୍ଧ ଦିବସକୁ ଆମେ ବୋଉର 'ଦିନ' ବୋଲି କହୁ । ଆଜିକାଲି କିନ୍ତୁ ଆମ ଦେଶରେ ମେ ମାସ ଦ୍ୱିତୀୟ ରବିବାରକୁ 'ବୋଉର ଦିନ'କୁ ମଦର୍ସ ଡେ ଭାବରେ ପାଳନ କରୁଛନ୍ତି । ଏହାର ଅର୍ଥ ନୁହଁ ଯେ ସାରା ଦେଶଟା ଯାକର ବୋଉ ଏଇ ମେ ମାସ ଦ୍ୱିତୀୟ ରବିବାର ଦିନ ଚାଲି ଯାଇଥିଲେ । ବୋଉ ଏମିତି ଏକ ଶବ୍ଦ ଯାହାର ଉଚ୍ଚାରଣରେ ସ୍ନେହ ଶ୍ରଦ୍ଧା ଅଜାଡି ହୋଇ ପଡୁଥିଲା । ମୁଁ ବେଳେ ବେଳେ ଭାବେ... , ସାରା ସୃଷ୍ଟିଟାକୁ ଆଣି ବୋଉର ପାଦତଳେ ଅଜାଡ଼ି ଦେଲେ ବି, ତା' ଋଣ ସୁଝି ହେବନାହିଁ । ବୋଉ ପରା ଅକାଶଠାରୁ ପ୍ରଶସ୍ତ ଆଉ ଅବନୀଠାରୁ ବିଶାଳ । ତେଣୁ ତ ଶାସ୍ତ୍ରରେ କହିଲେ - ସ୍ୱର୍ଗାଦପି ଗରୀୟସୀ । ବୋଉ ଅନ୍ୟ ମାନଙ୍କ ଆଗରେ କହେ ; ମୋ ପୁଅ ହେଉଛି - ନୟନପିତୁଳା, ଜୀବନଧନ, ରଙ୍ଗରତନ ମୋ ଗଳାରମାଳି । ମା' ଓ ପିଲାର ସମ୍ପର୍କ ଦିନେ ଅଧକର ସମ୍ପର୍କ ନୁହେଁ । କାରଣ ସେ ପ୍ରତି ନିଶ୍ୱାସ ପ୍ରଶ୍ୱାସରେ, ପ୍ରତି ହୃତ୍ ସ୍ପନ୍ଦନରେ । ବୋଉ ପିଲାମାନଙ୍କ ଭିତରେ ସମ୍ପର୍କର ସ୍ରୋତଟିଏ, ଆବେଗର ବେଗବତୀଟିଏ । ମୁଁ ଅନୁଭବ କରୁଛି; ମୋର ବୋଉ ଆକାଶର ତାରାଟିଏ ହେଇ ଏବେବି ତା'ର ସ୍ନେହ ସୋହାଗର ଆଲୋକରେ ବାନ୍ଧି ରଖିଛି । ଆମକୁ ସବୁ କଲ୍ୟାଣ କରୁଛି । ସେ କେଉଁ ଅଜଣା ଗଛ ଡାଳରେ ସୁନ୍ଦର ପକ୍ଷୀଟିଏ ହୋଇ ତା' ରକ୍ତର ପ୍ରତିମା ମାନଙ୍କ ପାଇଁ ନାନାବାୟା ଗୀତ ଗାଇ ଚାଲିଛି... । ବୋଉ ବେଳେ ବେଳେ କହେ - ମୁଁ ତୁମ ମାନଙ୍କୁ ଛାଡି କୁଆଡେ ଯିବି ମ... । ମୁଁ କୁଆଡେ ଗଲେ ବି ତୁ ଦେଖିବୁ--ଏଇ ବାଡିପଟ ଗଛରେ ଥିବି , ସୁନ୍ଦର ପକ୍ଷୀଟିଏ ହୋଇ ତୁମ ମାନଙ୍କୁ ଗୀତ ଶୁଣାଉ ଥିବି । ଦିନେ ହଠାତ୍ ସୁନ୍ଦର ପକ୍ଷୀଟିଏ କେଉଁଠୁ ଉଡି ଆସି, ଗଛ ଉପରେ ବସି ପଡିଲା । ମୁହଁଟିକୁ ତା'ର ଆଖିପୁରେଇ ଦେଖିବା ଆଗରୁ ଫୁରକିନା ଉଡିଗଲା । ତା' ରଂଗୀନ ଡେଣାରୁ ଝାଡିଦେଇ ଯାଇଥିବା ରଂଗରେ କିଛି ସମୟ ପାଇଁ ରଂଗୀନ କରି ଦେଲା ଆମ ମନକୁ । ମୁଁ କହିଲି ; ବୋଉ ତାହେଲେ ଆସିଥିଲା !! କଥା ଦେଇ ଯିଏ କଥା ରଖେ,ସେଇତ ବୋଉ । ତା' ପରଠୁ ରାତ୍ରିର ନିଶବ୍ଦ ପ୍ରହରରେ କେତେଥର କାନ ପାତିଛି ସେଇ ପକ୍ଷୀର ସ୍ୱରରେ ଥରେ ହଜିଯିବା ପାଇଁ । ନୀରବରେ ଛପି ଛପି ପତ୍ର ଗହଳରେ ଆଖି ପହଁରେଇ ଆଣିଛି ସୁନ୍ଦର ପକ୍ଷୀଟିକୁ ମନପୁରେଇ ଦେଖିବି ବୋଲି....ହେଲେ ମୋ ଅନ୍ୱେଷାର ଶେଷ ନାହିଁ । ମୁଁ ତାକୁ ଏବେବି ଖୋଜି ଚାଲିଛି । ଏ ମାଟି, ଏ ଆକାଶ, ଏ ପାଣି, ଏ ପବନ ସବୁଠାରୁ... । ବେଶୀ ପାଠ ପଢିନଥିଲା ମୋ ବୋଉ । ତା' ହସରେ ଇନ୍ଦ୍ରଧନୁର ରଂଗ ସବୁ ବିଞ୍ଚି ହେଇଯାଏ ସତେ ଯେମିତି ।ତା'ର କିନ୍ତୁ ସ୍ୱପ୍ନ ଥିଲା, ଆମେ ସବୁ ପାଠ ପଢି କେମିତି ବଡ ମଣିଷ ହେବୁ । ସବୁବେଳେ କହୁଥିଲା - ପାଠ ଦି ଅକ୍ଷର ପଢି ଭଲ ମଣିଷ ହୋଇଯାଅ ।ଯୋଉ ବୋଉ ତା'ର ସମସ୍ତ ସୁଖକୁ ଅଜାଡି ଦେଉଥିଲା ଆମରି ପାଇଁ, ତାକୁ ହଜେଇ ଦେବାର ଦୁଃଖକୁ ଆମେ ଭୁଲିଗଲୁ ମାତ୍ର କେତେଦିନ ମଧ୍ୟରେ ! ମୋ ବୋଉ ମୋ ଭିତରେ ଅମାପ ଶୂନ୍ୟତା । ବୋଉର ଆତ୍ମା କୋଉ ରୂପରେ ରୂପାନ୍ତରିତ ହୋଇଛି,କି ପରମାତ୍ମାରେ ଲୀନ ହେଇଯାଇଛି । ଏ ଗୂଢ ତତ୍ତ୍ୱକୁ ସହଜରେ ମାନି ନେଇ ପାରୁନି ମୋର ଏଇ ଅବୁଝା ମନଟା । ମୋ ବୋଉର ରୂପା ଦେହରେ ସବୁବେଳେ ଲାଖି ରହିଥିଲା ହସର କବିତା । ସେଇ କବିତାର ଶବ୍ଦ ମାନେ ଥିଲେ, ତା' ହାତଗଢା ସଂସାରର ମଣିଷ । ସମସ୍ତଙ୍କ ଓଠରେ ହସର ଲାଲ୍ ଗୋଲାପ ଫୁଟେଇବା ପାଇଁ, ବୁଲ୍ ବୁଲ୍ ପକ୍ଷୀଟି ଭଳି ତା' ହୃଦୟର ରକ୍ତ ଝରେଇ ଚାଲିଥିଲା ସିଏ । ଅବଶୋଷ ନ ଥିଲା । ନ ଥିଲା ବି କ୍ଲାନ୍ତି । ବୋଉ ଏଇ କେତୋଟି ଅକ୍ଷର ଭିତରେ ପୁରି ରହିଥିଲା, ବ୍ରହ୍ମାଣ୍ଡ ଯାକର ସୁଖ... । ଆଞ୍ଜୁଳା ଅଂଜୁଳା ସ୍ନେହ.... ଆଉ ଅସରନ୍ତି ଆଶ୍ୱାସନା ଭିତରେ ହଜାଇ ଦେଇଥିଲା ଜୀବନ । ମୋ ସ୍ମୃତିର ପାଟ କନାରେ ଗୁଡେଇ ଗାଡେଇ ବୋଉକୁ ମୁଁ ସାଇତି ରଖିଚି ଅତି ଯତ୍ନରେ, ମୋ ମନର ଏକ ସୁରକ୍ଷିତ ସ୍ଥାନରେ । ପ୍ରତାରଣାର ଏଇ ଦୁନିଆ । ଯେଉଁଠି ଆଖି ଲୁହରେ ମାଟି ଭିଜେ ସିନା, ହେଲେ ମଣିଷର ମନ ଭିଜେନା.... ସେଇଠି କେବଳ ମନେପଡେ ବୋଉ । ଯିଏ କେବଳ ଦେବାରେ ଆନନ୍ଦ ପାଉଥିଲା । ଆଉ ନେବାପାଇଁ କେବେବି କିଛି ଆଶା କରୁ ନଥିଲା । ହସି ହସି ଅନ୍ୟର ଖିଆଲରେ ବଞ୍ଚୁଥିବା ମଣିଷଟିଏ ଥିଲା ସିଏ । ଦରକାର ହେଲେ, ସମସ୍ତଙ୍କ ପାଇଁ ନିଜକୁ ନିଃଶେଷ କରିଦେବା ପାଇଁ ନିଜକୁ ଯେମିତି ସେ ପ୍ରସ୍ତୁତ କରି ରଖିଥିଲା । ଛାତି ତଳର ରୁଦ୍ଧ ଆବେଗ ସବୁକୁ, ଇଚ୍ଛା ହୁଏ ବୋଉ ପାଖରେ ଅଜାଡି ଦିଅନ୍ତି କି !! ଲୁହ ସବୁ ଶ୍ରାବଣର ଧାରା ହେଇ ବରଷି ଯାଆନ୍ତା କି ? ମୋ ମନର ନଈପଠାରେ ଖିଲି ଖିଲି ହେଇ ହସି ଉଠନ୍ତା କାଶତଣ୍ଡୀ ଫୁଲ । ନିର୍ମଳ ଆକାଶର ତୋଫା ଜହ୍ନକୁ ଦେଖି କେତେବେଳେ ବୋଉ ପାଖରେ ଜହ୍ନ ପାଇଁ ଅଳି କରନ୍ତି ତ, କେତେବେଳେ ଫୁଲ ବଉଳବେଣୀ ଗୀତ ଗାଇ ଗାଇ ପାଲଟି ଯାଆନ୍ତି ଆନମନା କିଶୋରୀ ଟିଏ ପରି... । ଫେରି ଆସନ୍ତା ହଜିଲା ମୁହୂର୍ତ୍ତ ସବୁ । ଯୋର୍ କରି ଗଳାଫଟେଇ କହିବାକୁ ଇଚ୍ଛା ହୁଏ, ମୁଁ ଅସହାୟ ନୁହେଁ । ଏବେବି କେହି ଜଣେ ମୋର ନିହାତି ଆପଣାର ଅଛି । ସିଏ ଆଉ କିଏ ନୁହେଁ, କେବଳ ମୋର ବୋଉ........ ।

+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି,
ମୋ:୯୪୩୭୯୮୫୮୬୬

# ପରିବେଶର ଔଷଧ

ଝରଣା ବାରିକ



ସେଦିନ ରାତିସାରା ଆଖିରେ ନିଦ ନାହିଁ । ଆମେ ଦୁହେଁ ଯାକ ତାରି ବିଷୟରେ କଥା ହେଉଥାଉ । ସିଏ ଭଲ ହେଇଯାଆନ୍ତା କି ? ଏମିତି କଣ ସମ୍ଭବ କେତେ ବଡ଼ ପାପ ଗୋଟିଏ ଆମେ କରିଦେଲୁ । ଏ ପାପର ପ୍ରାୟଶ୍ଚିତ ନାହିଁ । କାହାକୁ କହିବା କ'ଣ କରିବା । ଏଇ କଥା, କଥା ହେଇ ହେଇ କେତେବେଳେ ଆଖିକୁ ନିଦ ଆସି ଯାଇଛି ତାହା ଆମେ ଜାଣିନୁ ।

ଭୋର ପାଞ୍ଚଟାରୁ ମୋ ନିଦ ଭାଙ୍ଗିଗଲା ଉଠିକି ଦୌଡି ଲି ବାରିଆଡେ । ମନେ ମନେ ଭାବୁଥାଏ ସିଏ ସେଇଠି ଥିବ କି ନଥିବ କାଉ କୁକୁର ଝୁଣିକି ଖାଇ ସାରିବେଣି । କେମିତି ଦିଶୁଥିବ ସିଏ ଏମିତି ଭାବି ଭାବି ତା ପାଖରେ ପହଞ୍ଚିଗଲି । ଆଖିକୁ ବିଶ୍ୱାସ ହେଉନଥାଏ । ଜାକି ଜୁକି ହୋଇ ଗୋଟିଏ ବାଇଗଣ ଗଛ ମୂଳରେ ବସିଛି । ଇଏ ସିଏ କି ନୁହଁ ଚିହ୍ନି ପାରିଲିନି । ତା ପାଖକୁ ଯାଇ ଦେଖିଲି, ମତେ ଦେଖି ଡରି ଡରି ଲାଞ୍ଜ ଟେକି ଚାହୁଁଥିଲା ସେ । ଦେଖିଲି ରକ୍ତ ସବୁ ଶୁଖି ଯାଇଛି ।

ସାଙ୍ଗେ ସାଙ୍ଗେ ଘରୁ ଆସି କ୍ଷୀର ଟିକେ ନେଇ ଡାକିଲି ଆସିଲା ମୁହଁ ମାରିଲା କିନ୍ତୁ ପିଇଲା ନାହିଁ । କ୍ଷୀରଟା ଫ୍ରିଜରେ ଥିଲା ବହୁତ ଥଣ୍ଡା ଲାଗୁଥିଲା ତାକୁ । ଏ ସବୁ ଦୂରରେ ଥାଇ ଲକ୍ଷ କରୁଥିଲେ ବାପା (ମୋ ଶ୍ୱଶୁର) ଏତେ ସକାଳୁ ମତେ ବାରିଆଡେ ଦେଖି ବାପା ପଚାରିଲେ କ'ଣ ହେଇଛି ମାଆ ଏତେ ସକାଳୁ ତାକୁ କ'ଣ ପାଇଁ କ୍ଷୀର ପିଇବାକୁ ଦଉଛ । ଏତିକି କଥାରେ ମୋ ଆଖି ଛଳଛଳ ହୋଇଗଲା । କାଲି ରାତିର ସବୁ ଘଟଣା ଗୋଟି ଗୋଟି କରି କହିଦେଲେ ଗଲି ବାପାଙ୍କ ଆଗରେ ।

ରାତିରେ ଆମେ ଦୁହେଁ ଖାଇ ବସିଥିଲୁ । କ୍ଷୀରଟା ବହୁତ ଗରମ ଥିଲା ତା ଢାଙ୍କୁଣି ଖୋଲା ରଖି ଆମ ପାଖାପାଖି ରଖି ଦେଇଥିଲୁ । କୋଉଠି ଥିଲା କେଜାଣି ଏ ବିଲେଇଟା ଘର ଭିତରକୁ ପଶିଗଲା । ଗରମ କ୍ଷୀରରେ ମୁହଁ ମାରିଲେ ତା ନାକରୁ ପୋକ ଖସିପଡିବ ମୁଁ ନିଜେ ଦେଖିଛି ବିଲେଇକୁ ଦିନେ ଗରମ ଭାତ ଖାଇବାକୁ ଦେଲାବେଳେ ସିଏ ଶୁଙ୍ଘି ଦେଲା, ତାପରେ ଖାଇଲା, ମୁଁ ଖାଇ ସାରି ଅଇଁଠା ଉଠେଇଲା ବେଳକୁ ଠିକ୍ ଭାତ ଭଳିଆ କଣ ଗୋଟାଏ ଚାଲୁଛି ଭଲ ଭାବେ ନିରେଖି ଦେଖିଲା ବେଳକୁ ସିଏ ଗୋଟିଏ ପୋକ । ଗରମ ଗ୍ୟାସ ବାଜି ତା ନାକରୁ ପୋକଟିଏ ଖସି ପଡ଼ିଛି । ସେଇ ଡରରେ ୟାଙ୍କୁ କହିଲି ଟିକେ ଲକ୍ଷ କରିବ କାଳେ ବିଲେଇ କ୍ଷୀରରେ ମୁହଁ ମାରିଦେବ । ସିଏ ଗୋଟିଏ ବଡ଼ ବାଡିଟିଏ ଆଣି ତଳକୁ ଠକ୍ ଠକ୍ କଲା ବେଳକୁ ବାଡି ଦେଖି ଭୟରେ ଦୌଡି ପଳେଇ ଯିବାବେଳେ ପାହାରଟା ଭାରି ଦେହରେ ବାଜିଗଲା । ସାଙ୍ଗେ ସାଙ୍ଗେ ସିଏ ସେଇଠି ଖସି ପଡ଼ିଲା । ପାଟିରୁ ନାକରୁ ଧାର ଧାର ରକ୍ତ ବହିଗଲା । ମଳ ତ୍ୟାଗ ବି କରିଦେଲା । ତାକୁ ଦେଖି ଆମେ ଦୁହେଁ ଛାନିଆ । ତା ମୁହଁରେ ପାଣି ଛାଟି ପିଇବାକୁ ଦେଲୁ କିନ୍ତୁ ଟିକେ ବି ପାଣି ପିଇଲା ନାହିଁ । ଟିକେ ଟିକେ ନିଃଶ୍ୱାସ ଚାଲୁଥାଏ । କଣ କରିବୁ କିଛି ଭାବି ପାରିଲୁ ନାହିଁ । ଇଏ କହିଲେ ଗାତ ଖୋଳି ପୋତି ଦେବା ମୁଁ କହିଲି ନାଁ ତାକୁ ନଦୀରେ ଭସେଇ ଦେବା ସେତେବେଳକୁ ରାତି ସାଢେ ଏଗାରଟା । ପୁଣି ଭାବିଲୁ ଏତେ ରାତି ହେଲାଣି ତାକୁ ବାରି ଆଡେ ପକେଇ ଦେବା ଯାହା କରିବା କଥା ସକାଳେ କରିବା । ଏଇଆ ଭାବି ତାକୁ ଆଣି ବାରିଆଡେ ପକେଇ ଦେଇଥିଲୁ । ବାହାରୁ ଅମ୍ଳଜାନ ଗ୍ୟାସ ଓ କାକର ତା ଉପରେ ପଡ଼ି ସିଏ ପୁରା ଠିକ ହେଇ ଯାଇଛି । ଆମ ଚାରିପଟେ ଥିବା ପରିବେଶ ତାକୁ ସୁରକ୍ଷା ଦେବା ସହିତ ନୂଆ ଜୀବନ ଦେଇଛି । ସକାଳୁ ସକାଳୁ ମୁଁ ତାକୁ ଦେଖିବାକୁ ଆସିଥିଲି । ବିଲେଇଟା ମରି ଯାଇଥିଲେ କେତେ ବଡ ପାପ ଲାଗିଥାନ୍ତା । ସେଇ ଚିନ୍ତାରେ କାଲି ରାତିସାରା ଆମ ଦୁହିଁଙ୍କ ଆଖିକୁ ନିଦ ନାହିଁ । କାଲି ପୁଣି ଥିଲା ବିଶ୍ୱକର୍ମା ସଙ୍କ୍ରାନ୍ତୀ । ଆଜି ଦେଖିଲା ବେଳକୁ ସିଏ ବିଲ୍ କୁଲ୍ ଠିକ ଅଛି ।

ମୋ କଥା ଶୁଣି ସାରି ବାପା କହିଲେ ଯାହା ହେଉ ସିଏ ସଂପୂର୍ଣ୍ଣ ସୁସ୍ଥ ଅଛି । ବେଳେବେଳେ ଆମ ଅଜାଣତରେ ଏମିତି ଛୋଟ ମୋଟ ଭୁଲ୍ ହେଇଯାଏ । ତାକୁ ତୁମେ ଦୁହେଁ ସୁଧାରିବାକୁ ଚେଷ୍ଟା କରିଛ ଏହା ଦେଖି ମତେ ବହୁତ ଖୁସି ଲାଗିଲା । ଗାଇ ଦୁହିଁ ସାରି ତାକୁ ଟିକେ କ୍ଷୀର ଆଣି ପିଇବାକୁ ଦିଅ ସିଏ ପୁରା ପୁରି ସୁସ୍ଥ ହୋଇଯିବ ।

ଆମ ପରିବେଶରେ ଥିବା ପ୍ରତ୍ୟେକ ଜିନିଷ ପଶୁପକ୍ଷୀଙ୍କୁ ଔଷଧ ଭଳି କାମ ଦେଇଥାଏ । ତାକୁ ଦେଖି ସାରି ୟାଙ୍କୁ (ମୋ ସ୍ୱାମୀ) ଆସି ଉଠେଇଲି । ସିଏ ବି ଯାଇ ତାକୁ ବଞ୍ଚି ଥିବାର ଦେଖି ବହୁତ ଖୁସି ହେଲେ । ସେଦିନର ସେ କଥା ଏବେବି ମନଟାକୁ ଭାରାକ୍ରାନ୍ତ କରିଦିଏ ।

+ସମଲ, ତାଳଚେର, ଅନୁଗୋଳ
ମୋ:୯୫୫୬୮୪୬୯୩୨

# ପାହାଡ଼ି କନ୍ୟା



ସୁନନ୍ଦା ମହାନ୍ତି



ମୟୂରଭଞ୍ଜର ଏକ ଆଦିବାସୀ ଗାଁରେ ରେଞ୍ଜର ଭାବେ ନିଯୁକ୍ତି ପାଇବା ପରେ ସମୀରଙ୍କୁ ଘୁରି ବୁଲିବାକୁ ପଡେ ବଣ ଜଙ୍ଗଲ ଘେରା ପାହାଡି ଅଞ୍ଚଳସାରା । ବାଘ, ଭାଲୁ, ସାପଙ୍କୁ ନଡରି ସମୀର ଜଙ୍ଗଲ ସୁରକ୍ଷା ପାଇଁ ବୁଲୁଥାନ୍ତି କାଠ ଚୋର ବା ନିୟମ ବହିର୍ଭୁତ ଗଛ କଟାଳୀଙ୍କୁ ଧରିବା ଲକ୍ଷ୍ୟରେ, କି ଦିନ, କି ରାତି ଏକାକାର କରି । ସେଦିନ ବି ବୁଲୁଥିଲେ ।

ହଠାତ ଗୋଟିଏ ଝରଣା ପାଖରେ କାଶତାଣ୍ଡି ଫାଙ୍କରେ କିଛି ଗୋଟେ ଦୃଶ୍ୟମାନ ହେଲା ତାଙ୍କୁ । ପ୍ରଥମେ ବନ୍ୟଜନ୍ତୁ କେହି ପାଣି ପିଇବା ଆଶାରେ ଝରଣା କୂଳକୁ ଆସିଥାଇ ପାରନ୍ତି ବୋଲି ଭାବି ଡରିଗଲେ ବି ସାହାସ ଓ ଧର୍ଯ୍ୟର ସହିତ, ସେ କିଏ ଜାଣିବାକୁ ଛପି ଛପି ଯାଇ ଦେଖିଲେ ବନ୍ୟଜନ୍ତୁ ନୁହେଁ, ତେବେ କାଠ ମାଫିଆ ଭାବି ପଛରୁ ଧରିନେଇ ଦେଖିଲା ବେଳକୁ ଆଦିବାସୀ ଝିଅଟିଏ । ମୁଣ୍ଡରେ ଖୋଷିଛି କାଶତଣ୍ଡି ଫୁଲ । ଜୁଡ଼ାରେ କାଶତଣ୍ଡିର ସୌନ୍ଦର୍ଯ୍ୟ ସହ ଝିଅଟିର ସରଳ ପଣରେ ଓ ଟଣା ଟଣା ଚାହାଣୀର ଯାଦୁରେ ପ୍ରକୃତରେ ସେଦିନ ନିଜର ସତ୍ତା ହରାଇ ବସିଥିଲେ ସମୀର ।

ଝିଅଟିର ପାହାଡି ସୌନ୍ଦର୍ଯ୍ୟ ସହ ତା ସରଳିଆ ସତ କଥାରେ ଆଶ୍ଚର୍ଯ୍ୟ ବି ହେଲେ ସମୀର । ଝିଅଟି କହୁଥିଲା ସବୁ ସତ ସତ ପ୍ରତ୍ୟେକ ପ୍ରଶ୍ନର ଉତ୍ତରରେ ସମୀରଙ୍କର, ଏବଂ ଜଣାଇ ଦେଇଥିଲା, ତା ବାପାଙ୍କ ସହ ତାଙ୍କ ବସ୍ତିର ସମସ୍ତେ ଜଙ୍ଗଲରୁ ଗଛ କାଟି , ମାଲିକକୁ ବିକ୍ରୀ କରି ଯାହା ପାରିଶ୍ରମିକ ପାଆନ୍ତି, ସେଇଥିରେ ହାଟ ସଉଦା କରି ଚଳନ୍ତି । ଝିଅଟି ସହାୟତାରେ, ବିଦ୍ୟାପତି ଲଳିତା ମାଧ୍ୟମରେ ନୀଳମାଧବଙ୍କ ପାଖେ ପହଞ୍ଚିଲା ପରି, ଝିଅଟି ତା ବାପା ଓ ବସ୍ତିର ସମସ୍ତ ପୁରୁଷମାନଙ୍କୁ ଡାକି, ଜଙ୍ଗଲରୁ ଗଛ କ୍ଷୟ ହେବା ଦ୍ୱାରା ମଣିଷ ଜାତିର କେତେ ଅନିଷ୍ଟ ହେଉଛି ବୁଝାଇଥିଲେ ସମୀର । ସେଥିରୁ ନିବୃତ୍ତ ରହିବା ସହ, କଟାଗଛ ଅଳ୍ପ ଦାମରେ କିଣି, ସରଳ ଆଦିବାସୀମାନଙ୍କୁ ଠକିବା ସହ କିପରି ବହୁମୂଲ୍ୟ ବିନିମୟରେ ବିକି, ଠିକାଦାର ନିଜର ସ୍ୱାର୍ଥ ପାଇଁ ବହୁତ ଟଙ୍କା ପାଇବା ବଦଳରେ, ମଣିଷଜାତିର କ୍ଷତି କରୁଛି, ତାହା ସେମାନେ ଉପଲବ୍ଧି କରି କାଠ ମାଫିଆକୁ କାଠ ଚାଲାଣ କରିବା ସମୟରେ ଧରାଇ ଦେଇଥିଲେ । ସମୀର ବାହାଦୁର ରେଞ୍ଜର ଉପାଧି ପାଇ ଫେରିଯାଇନଥିଲେ ବରଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତି ପାଇଁ ଓ ଗ୍ରାମର ଯୁବକ ଯୁବତୀଙ୍କ ପାଠ ପଢାରେ ସହାୟକ ହେବା ସହ ସ୍କୁଲଟିଏ ଖୋଲି, ଶିକ୍ଷାର ପ୍ରଚାର ପ୍ରସାର ସହ, ସେମାନଙ୍କ ମନ ଓ ହୃଦୟରୁ ସମସ୍ତ ଅନ୍ଧବିଶ୍ୱାସ ଦୂର କରିବାକୁ ଚେଷ୍ଟା କରିବାରେ, ସେହି ଝିଅଟି ତାଙ୍କୁ ବହୁତ ସାହାଯ୍ୟ କରିଥିଲା ।

ଏବେ ସେହି ଝିଅଟି ଶିକ୍ଷା ଓ ସଂସ୍କାର ବଳରେ ଗ୍ରାମ ସ୍କୁଲରେ ଶିକ୍ଷୟତ୍ରୀ, ଏବଂ ତାର ପୋଷାକ ପରିଛେଦରେ ବହୁ ପରିବର୍ତ୍ତନ ହେଲେ ବି, ପ୍ରଥମ ଦେଖାର ସେହି ରୂପକୁ କ୍ୟାମେରାରେ ଧରି ରଖି, ତା ବିଷୟରେ ଗଳ୍ପ କବିତା ଲେଖିଛନ୍ତି ରେଞ୍ଜର ସମୀର । ଝିଅଟି ଏ ଭିତରେ ବାହା ହୋଇ ସାରିଛି । ତାର ସେହି ପ୍ରଥମ ଦେଖାର ପ୍ରଥମ ଦୃଶ୍ୟକୁ ନିଜ ସ୍ତ୍ରୀଙ୍କ ପାଖରେ ବର୍ଣ୍ଣନା କଲାବେଳେ, ସ୍ତ୍ରୀ ଯେବେ ଆଦିବାସୀ ନିଷ୍କପଟ ଝିଅର ବେଶଭୂଷା ସହ କାଶତଣ୍ଡି ଫୁଲ ଗଭାରେ ଖୋସି, ସମୀର ଆଗରେ ଉପସ୍ଥିତ ହୁଅନ୍ତି, ସତରେ ସମୀର ହଜିଯାନ୍ତି କେଉଁ ଏକ ନିବିଡ ଉନ୍ମାଦନାରେ । ମନେପଡେ ସେଇ ଝିଅଟିକୁ ଯେବେ ଗାନ୍ଧିଜୀ କିଏ ? ପଚାରିଥିଲେ, କହିଥିଲା, ଯିଏ ତିନିଟା ମାଙ୍କଡ ରଖିଥିଲେ ତ । ତା ଉତ୍ତର ଶୁଣି ହସି ହସି ତାକୁ ପଢ଼େଇ ସମାଜର ମୁଖ୍ୟ ସ୍ରୋତରେ ତାରି ପରି ଅନେକ ଯୁବକ ଯୁବତୀଙ୍କୁ ଶିକ୍ଷିତ କରିବାର ପ୍ରେରଣା ତ ସେହି ପାହାଡି କନ୍ୟା ।

+ସାକ୍ଷୀଗୋପାଳ, ପୁରୀ
ମୋ:୭୦୦୮୯୪୨୨୧୫

# ରାଜ୍ୟରେ ଆଜି ୨୦୭ କରୋନା ପଜିଟିଭ: ୩୭ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୧୮/୦୯ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ ରହିଛି। ଗତକାଲି ୨୩୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୨୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୮୬ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୩୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୪ଟି ଜିଲ୍ଲାରୁ ୨୩୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୭ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୧, ବରଗଡ଼ରୁ ୫, ବଲାଙ୍ଗୀରରୁ ୬ ଜଣ, କଟକରୁ ୧୫ ଜଣ, ଦେବଗଡ଼ରୁ ୪, ଗଜପତିରୁ ୨, ଗଞ୍ଜାମରୁ ୨, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୧ ଜଣ, ଝାରସୁଗୁଡ଼ାରୁ ୧, କଳାହାଣ୍ଡି ଜିଲ୍ଲାରୁ ୮ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୬, କେଉଁଝରରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୫୭, ମୟୂରଭଞ୍ଜରୁ ୫ ଜଣ, ନବରଙ୍ଗପୁରରୁ ୮, ନୟାଗଡ଼ ଜିଲ୍ଲାରୁ ୫ ଜଣ, ନୂଆପଡ଼ାରୁ ୨, ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୬, ସମ୍ବଲପୁରରୁ ୭ ଜଣ, ସୋନପୁରରୁ ୩, ସୁନ୍ଦରଗଡ଼ରୁ ୨୪ ଜଣ ଓ ଷ୍ଟେଟପୁଲରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୧, ୭୯୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩, ୨୦, ୯୪୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୬୦୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ୨୭୪୧ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ହେବ ଜିଓ ଟ୍ୟାଗିଂ



ଭୁବନେଶ୍ୱର ,୧୮/୦୯ (ନି.ପ୍ର): ରାଜ୍ୟରେ ଥିବା ୨୭୪୧ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜିଓ ଟ୍ୟାଗିଂ କରାଯାଇ ଏହାର ପ୍ରମୁଖ ଆବଶ୍ୟକତା ସମ୍ପର୍କରେ 'ଆମ ଜଳାଶୟ' ପୋର୍ଟାଲରେ ସୂଚନା ଅଧୁନାତନ କରିବାକୁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର (ଓରସାକ୍)କୁ ତଥ୍ୟ ଦିଆଯାଇଛି। ଏହାକୁ ତୁରନ୍ତ ଶେଷ କରିବାକୁ ଆଜି ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଜଳ ସମ୍ପଦ ମନ୍ତ୍ରୀ ଶ୍ରୀମତୀ ସାହୁ କ୍ଷୁଦ୍ର ଜଳସେଚନ ଡିଭିଜନ ମୁଖ୍ୟ ଯନ୍ତ୍ରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଯନ୍ତ୍ରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହ ରାଜ୍ୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଓ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅଧିକାରୀମାନେ ଅଧିକରୁ ଅଧିକ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ ସେସବୁର ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଜନପ୍ରତିନିଧି ଓ ପାଣି ପଞ୍ଚାୟତ ସହ ଆଲୋଚନା କରି ଏଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ଯୋଜନା, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା, କେନାଲ ଲାଇନିଂ ଓ ସିଷ୍ଟମ ରିହାବିଲିଟେସନ୍ ପ୍ରୋଗ୍ରାମ, ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତୀକରଣ, ବନ୍ଧ ସୁରକ୍ଷା ଓ ଉନ୍ନତୀକରଣ ପାଇଁ ବ୍ୟୟ ବରାଦ ଓ ଧାର୍ଯ୍ୟ ଲକ୍ଷକୁ ତ୍ୱରିତ ପଦକ୍ଷେପ ନିଆଯାଇ ଶେଷ କରିବା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଡ୍ୟାମ ଉନ୍ନତୀକରଣ ଯୋଜନା, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କୃଷି ଉପଯୋଗୀ ସହନଶୀଳ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଆଦିର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ସେହିପରି ବିଭିନ୍ନ ଅଞ୍ଚଳରେ ପ୍ରସ୍ତାବ ଦିଆଯାଉଥିବା ନୂଆ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ପାଇଁ ପଠାଇବା ପୂର୍ବରୁ ସ୍ଥାନୀୟ ବିଧାୟକ ତଥା ସ୍ଥାନୀୟ ଜନପ୍ରତିନିଧିଙ୍କ ଜ୍ଞାତସାରକୁ ଅଣାଗଲେ ପ୍ରକଳ୍ପର ବାସ୍ତବ ସ୍ଥିତି ଜଣାଯିବା ସହ କାର୍ଯ୍ୟକାରିତାବେଳେ ଅସୁବିଧା ରହିବ ନାହିଁ ବୋଲି ମନ୍ତ୍ରୀ କହିଥିଲେ। ଏହି ବୈଠକରେ କ୍ଷୁଦ୍ର ଜଳସେଚନ ମୁଖ୍ୟ ଯନ୍ତ୍ରୀ ଚିନ୍ମୟ ରଂଜନ ରାଉତଙ୍କ ସମେତ ଡିଭିଜନର ଅନ୍ୟ ବରିଷ୍ଠ ଯନ୍ତ୍ରୀ ଓ ପଦାଧିକାରୀ ଉପସ୍ଥିତ ଥିଲେ।

# ବେଆଇନ ଲିଙ୍ଗ ନିରୂପଣ କ୍ଲିନିକ୍‌ର ସୂଚନା ଦେଲେ ମିଳିବ ୨୫ହଜାର



ଭୁବନେଶ୍ୱର ,୧୮/୦୯ (ନି.ପ୍ର): ରାଜ୍ୟରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ଲାଗି ସରକାର ନୂଆ ପଦକ୍ଷେପ ନେଇଛନ୍ତି। ଏହି ବେଆଇନ୍ କାର୍ଯ୍ୟରେ ଲିପ୍ତଥିବା କ୍ଲିନିକ୍ ସଂପର୍କରେ ସୂଚନା ଦେଲେ ସୂଚନାକାରୀଙ୍କୁ ୨୫ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। କେବଳ ପ୍ରୋତ୍ସାହନ ରାଶି ନୁହେଁ, ତାଙ୍କର ସମସ୍ତ ତଥ୍ୟକୁ ଗୋପନୀୟ ରଖାଯିବା ସହିତ ଆଇନଗତ ମାମଲାରେ ମଧ୍ୟ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସୂଚନାକାରୀ ପ୍ରୋତ୍ସାହନ ଯୋଜନା ବା ଆଇଆଇଏସ୍ ରାଜ୍ୟରେ ବେଆଇନ ଲିଙ୍ଗ ନିରୂପଣ ରୋକିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ରାଜ୍ୟବ୍ୟାପୀ ବହୁ ସଂଖ୍ୟାରେ ସ୍ତ୍ରୀରୋଗ କ୍ଲିନିକ୍ ଓ ହସ୍ପିଟାଲ ଖୋଲିଛି। ଏମାନଙ୍କ ମଧ୍ୟରୁ କେଉଁ ସ୍ୱାସ୍ଥ୍ୟାନୁଷ୍ଠାନ ଗୁଡ଼ିକ ବେଆଇନ ଲିଙ୍ଗ ନିରୂପଣ କାର୍ଯ୍ୟରେ ଲିପ୍ତ ଅଛନ୍ତି ସେମାନଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ଅନେକ ସ୍ଥାନରେ ଲୁଚାଛପାରେ ଏହି କାରବାର ଚାଲିଛି। ବିଶେଷକରି ଏ ସମସ୍ତ କ୍ଲିନିକ୍/ ହସ୍ପିଟାଲ ସଂପର୍କରେ ପ୍ରାଥମିକ ସୂଚନା ପାଇବା ହିଁ ପ୍ରମୁଖ ସମସ୍ୟା ପାଲଟିଛି। ଏଭଳି ବେଆଇନ କ୍ଲିନିକ୍‌ମାନଙ୍କୁ ଚିହ୍ନଟ କରିବା ଲାଗି ରାଜ୍ୟ ସରକାର କିଛିବର୍ଷ ପୂର୍ବରୁ ଅପରେସନ୍ 'ଡିକୟ' ଆରମ୍ଭ କରିଥିଲେ। ଏହି ଯୋଜନାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମାତ୍ର ଗୋଟିଏ ଥର ଏହି ଅପରେସନ୍ କରାଯାଇଛି। ଏହି ଯୋଜନା ସଂପୂର୍ଣ୍ଣଭାବେ ବିଫଳ ହୋଇଛି। ଯଦିଓ ନିକଟରେ ରାଜ୍ୟରେ ବେଆଇନ ଲିଙ୍ଗ ନିରୂପଣ କାର୍ଯ୍ୟରେ ଲିପ୍ତ ଥିବା ୨ଜଣ ଡାକ୍ତରଙ୍କୁ ଦଣ୍ଡିତ କରାଯାଇଛି ହେଲେ ତାହା ଯଥେଷ୍ଟ ନୁହେଁ। ତେଣୁ ପ୍ରୋତ୍ସାହନଭିତ୍ତିକ ସୂଚନା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ବେଆଇନ ଲିଙ୍ଗ ନିରୂପଣ କରୁଥିବା ସ୍ୱାସ୍ଥ୍ୟାନୁଷ୍ଠାନ ସଂପର୍କରେ ସରକାରଙ୍କ ପକ୍ଷରୁ ଜାରି ନମ୍ବରରେ ସୂଚନା ଦେବାକୁ ହେବ। ସୂଚନା ପାଇବା ପରେ ଜିଲ୍ଲା ଅନୁମୋଦନ କର୍ତ୍ତୃପକ୍ଷ(ଡିଏଏ) ଏହାର ସତ୍ୟାସତ୍ୟ ଯାଞ୍ଚ କରିବେ। ଯଦି ଜିଲ୍ଲାସ୍ତରୀୟ ଟିମ୍ ଏହି ସୂଚନା ଠିକ୍ ଭାବେ ବିଚାର କରନ୍ତି ତାହାଲେ ସଂପୃକ୍ତ ବ୍ୟକ୍ତିଙ୍କୁ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ଟଙ୍କା ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ଜିଲ୍ଲାର ତଦନ୍ତକାରୀ ଦଳ ସ୍ୱାସ୍ଥ୍ୟାନୁଷ୍ଠାନ ବିରୋଧରେ ତଦନ୍ତ ଆରମ୍ଭ କରିବା ସହିତ ଯଦି ମାମଲା ଆଗକୁ ବଢ଼େ ତାହାଲେ ପୁନର୍ବାର ସଂପୃକ୍ତ ବ୍ୟକ୍ତିଙ୍କୁ ଆଉ ୧୦ହଜାର ଦିଆଯିବ। ଶେଷରେ ବେଆଇନ ଲିଙ୍ଗ ନିରୂପଣ କରୁଥିବା କ୍ଲିନିକ୍‌ର କର୍ମଚାରୀ କୋର୍ଟରେ ଦଣ୍ଡିତ ହେଲେ ତାଙ୍କୁ ବଳକା ୫ହଜାର ଟଙ୍କା ଦିଆଯିବାକୁ ନିଷ୍ପତ୍ତି କରାଯାଇଛି। ତେବେ କୋର୍ଟରେ ମାମଲାର ବିଚାର ଓ ଏହାର ଲମ୍ବା ପ୍ରକ୍ରିୟା ଦୃଷ୍ଟିରୁ ଶେଷ ୫ହଜାର ଟଙ୍କା ପାଇବାରେ ସୂଚନାକାରୀଙ୍କୁ ହୁଏତ କିଛିଟା ସମସ୍ୟା ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍.ଏଫ୍.ଏଚ୍.ଏସ୍.-୫ରେ ରାଜ୍ୟରେ ୧ହଜାରର ପୁଅଙ୍କ କ୍ଷେତ୍ରରେ ୮୯୪ଜଣ ଝିଅ ରହିଛନ୍ତି। ତେଣୁ ଝିଅଙ୍କ ସଂଖ୍ୟା କମୁଛି। ରାଜ୍ୟରେ ବେଆଇନ୍‌ଭାବେ ଲିଙ୍ଗ ନିରୂପଣ କରୁଥିବା ସ୍ୱାସ୍ଥ୍ୟାନୁଷ୍ଠାନ ସଂପର୍କରେ ସୂଚନା ପାଇବା କଷ୍ଟକର ହୋଇପଡୁଛି। ଏ ଦୃଷ୍ଟିରୁ ପ୍ରୋତ୍ସାହନଭିତ୍ତିକ ସୂଚନା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ୩ଟି କିସ୍ତିରେ ସୂଚନାକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ। ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ସୂଚନାକାରୀଙ୍କ ସଂପର୍କିତ ସମସ୍ତ ତଥ୍ୟ ଗୋପନ ରଖାଯିବା ସହିତ ଆଇନଗତ ମାମଲାରେ ତାଙ୍କୁ ଛନ୍ଦି ହେବାକୁ ପଡ଼ିବ ନାହିଁ। ଯାହାଫଳରେ ରାଜ୍ୟ ସରକାରଙ୍କ ନିକଟରେ ଏସବୁ କ୍ଲିନିକ୍ ସଂପର୍କରେ ଅଧିକରୁ ଅଧିକ ସୂଚନା ମିଳିବ। ଏହି ଯୋଜନା ପାଇଁ ବେଶ୍ କିଛିମାସ ହେଲା ଉଦ୍ୟମ ଜାରି ରହିଥିଲା। ଅପରେସନ୍ 'ଡିକୟ'ର ବିଫଳତା ସଂପର୍କରେ ଡା.ପାଣିଗ୍ରାହୀ କହିଛନ୍ତି ଯେ ଏଥିରେ ଜଣେ ଗର୍ଭବତୀ ମହିଳା ନିଜେ ଛଦ୍ମ ବେଶରେ ଯାଇ ଏଭଳି କ୍ଲିନିକ୍‌ର ଚିହ୍ନଟ କରିବାର ଯୋଜନା ରହିଥିଲା। ପ୍ରଥମତଃ ଏଭଳି ଗର୍ଭବତୀ ମହିଳାଙ୍କୁ ଠାବ କରି ରାଜି କରାଇବା କଷ୍ଟକର ବ୍ୟାପାର, ଦ୍ୱିତୀୟରେ ଏହାକୁ ଚୂଡ଼ାନ୍ତ ରୂପଦେବା ଅନେକ ସମୟରେ ସମ୍ଭବ ହେଲାନାହିଁ। ଏହା ଅପେକ୍ଷା ପ୍ରୋତ୍ସାହନଭିତ୍ତିକ ସୂଚନା ବେଶ୍ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି। ତେବେ ରାଜ୍ୟସ୍ତରରେ ନା ଜିଲ୍ଲାସ୍ତରରେ ଏହାର ସୂଚନା ସଂପର୍କିତ ନମ୍ବର ଜାରି ହେବ ତାହାର ସଂପର୍କରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଏନ୍‌ଏଚ୍‌ଏମ୍-ଏମ୍ସର ଆଇସିୟୁରୁ ଘର କାର୍ଯ୍ୟକ୍ରମ: ଘର ପାଲଟିଛି ଆଇସିୟୁ, ନର୍ସ ଭଳି ସେବା କରୁଛନ୍ତି ପରିଜନ

ଭୁବନେଶ୍ୱର ,୧୮/୦୯ (ନି.ପ୍ର): ସେମାନଙ୍କ ପାଇଁ ଘର ପାଲଟିଛି ଆଇସିୟୁ, ନର୍ସ ଭଳି ସେବା କରୁଛନ୍ତି ପରିଜନ। ପାଇପ୍‌ରେ ଖାଦ୍ୟ, ଔଷଧ ଠାରୁ ଆରମ୍ଭ କରି ଆବଶ୍ୟକସ୍ଥଳେ ଅକ୍ସିଜେନ ମେସିନ ଲଗାଇ ପାରୁଛନ୍ତି। ଗୁରୁତର ସ୍ଥିତି ହେଲେ ସ୍ୱାସ୍ଥ୍ୟକର୍ମୀ ଏବଂ ଡାକ୍ତରଙ୍କ ଠାରୁ ପରାମର୍ଶ ନେଉଛନ୍ତି। ଏଭଳି କାର୍ଯ୍ୟ କରିବାରେ ସେମାନଙ୍କ କେଉଁଭଳି ଅନୁଭବ ରହିଛି, ସଙ୍କଟଜନକ ଅବସ୍ଥାରେ ଥିବା ଏହି ରୋଗୀଙ୍କ ସେବା ପାଇଁ ଆଉ କ'ଣ କରାଯାଇ ପାରିବ ଏହାକୁ ନେଇ ଏନଏଚଏମର ସହାୟତାରେ ଏମ୍ସରେ ଆୟୋଜିତ ହୋଇଛି ଆଇସିୟୁରୁ ଘର କାର୍ଯ୍ୟକ୍ରମ। ଏଥିରେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ, ଏନଏଚଏମ ଯୁଗ୍ମ ନିର୍ଦ୍ଦେଶକ ଡା. ଦୀନବନ୍ଧୁ ସାହୁ, ଏନଏଚଏମର ବିତ୍ତ ଅଧିକାରୀ ମଳୟ ପାଣିଗ୍ରାହୀ, ଏମ୍ସ ଆନେସଥେସିଆ ଏବଂ କ୍ରିଟିକାଲ କେୟାର ବିଭାଗ ଡାକ୍ତର ସ୍ୱାଗତା ତ୍ରିପାଠୀ, ଡାକ୍ତର ଆଲୋକ ସାହୁ, ପି. ଭାସ୍କର ରାଓ, ଜୟନ୍ତ ମିତ୍ର, ଟ୍ରମା ଏବଂ ଏମରଜେନ୍ସି ବିଭାଗ ଡାକ୍ତର ଉପେନ୍ଦ୍ର ହାଁସଦା, ନର୍ସିଂ ବିଭାଗର ମୁଖ୍ୟ ଆଶା ସେଠୀ, ମହାଲିଙ୍ଗମ ଭି, ନନ୍ଦ କୁମାର ପି, ସୁଜାତା ମହାପାତ୍ରଙ୍କ ସମେତ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମସ୍ତିଷ୍କାଘାତ ଭଳି ଗୁରୁତର ରୋଗରେ ପୀଡ଼ିତ ହୋଇ ଆଇସିୟୁ ଭେଣ୍ଟିଲେଟରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ନାକରେ ପାଇପ୍ ଜରିଆରେ ଖାଦ୍ୟ ଦିଆଯାଉଛି। ନିୟମିତ ଔଷଧ ସେବନ କରୁଛନ୍ତି। କିନ୍ତୁ ସୁସ୍ଥ ହେବାକୁ ଦୀର୍ଘ ସମୟ ଲାଗିବ। ଏଭଳି ଅବସ୍ଥାରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଆଇସିୟୁରେ ରହିଲେ ଏହା ଉଭୟ ରୋଗୀ ଏବଂ ପରିଜନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ। ଶାରୀରିକ ଦୁର୍ବଳତା ଯୋଗୁଁ ରୋଗୀ ଅନ୍ୟ ସମସ୍ୟାରେ ସଂକ୍ରମିତ ହୋଇଯାଆନ୍ତି। ପରିବାରଙ୍କ ଆର୍ଥିକ ସ୍ଥିତି, ପିଲାଙ୍କ ପାଠପଢା ଗୁରୁତର ବାଧାପ୍ରାପ୍ତ ହୁଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏନଏଚଏମ ଏବଂ ଏମ୍ସର ସହାୟତାରେ ରୋଗୀଙ୍କୁ ଘରେ କିଭଳି ଆଇସିୟୁର ସୁବିଧା ମିଳିପାରିବ ଏହାକୁ ନେଇ ୨୦୨୦ ମସିହାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ଅନ୍ତର୍ଗତରେ ପ୍ରଥମେ ସୁସ୍ଥ ହେବା ପାଇଁ ଲମ୍ବା ସମୟ ଆବଶ୍ୟକ ହେଉଥିବା ରୋଗୀଙ୍କ ପରିଜନଙ୍କ ସହିତ ଆଲୋଚନା କରୁଛନ୍ତି ମନସ୍ତତ୍ୱବିଦ୍। ଘରେ ମଧ୍ୟ ଡାକ୍ତରଖାନା ଭଳି ଆଇସିୟୁ ସୁବିଧା ଏବଂ ସେବା ସମ୍ଭବ। ଏଥିସଂକ୍ରାନ୍ତରେ ସେ ଆଲୋଚନା କରି ପରିବାରକୁ ବୁଝାଇବା ସହିତ ମନବଳ ଦିଅନ୍ତି। ଏହାପରେ କ୍ଷେତ୍ର ସ୍ୱାସ୍ଥ୍ୟ କର୍ମଚାରୀ ରୋଗୀଙ୍କ ଘର ସ୍ଥିତି ଦେଖି ରିପୋର୍ଟ ଦେବା ପରେ ନର୍ସ ପରିଜନଙ୍କୁ ଆଇସିୟୁରେ ରୋଗୀ ଯତ୍ନର ପ୍ରଶିକ୍ଷଣ ଦିଅନ୍ତି। ପରିଜନ ନର୍ସିଂ ସେବା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ହେବା ସହିତ ଉଭୟ ନର୍ସ ଏବଂ ପରିଜନ ନିଶ୍ଚିତ ହେଲେ ରୋଗୀଙ୍କୁ ଘରକୁ ଛଡ଼ାଯାଏ। ଏଥିପୂର୍ବରୁ ଡାକ୍ତର ସେମାନଙ୍କ ସହିତ ଆଲୋଚନା କରନ୍ତି। ଏହିଭଳି ରୋଗୀ ଏବଂ ପରିଜନଙ୍କ ପାଇଁ ମୋବାଇଲ ଆପ୍ ତିଆରି କରାଯାଇଛି। ଯେଉଁଥିରେ ପରିଜନଙ୍କୁ ରୋଗୀଙ୍କ କେଉଁ ସ୍ଥିତିରେ କ'ଣ କରିବା ଉଚିତ ସେ ସମ୍ପର୍କରେ ଓଡ଼ିଆରେ ଲେଖାଯାଇଥାଏ। ଏପରିକି ଯେକୌଣସି ସ୍ଥିତିରେ ଡାକ୍ତରୀ ପରାମର୍ଶର ଆବଶ୍ୟକ ପଡ଼ିଲେ ଆପ୍ ଜରିଆରେ ପରାମର୍ଶ ଦିଆଯାଏ। ଏହାବାଦ ପ୍ରତି ସପ୍ତାହରେ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କ ଘରକୁ ଯାଇ ସହାୟତା ଦିଅନ୍ତି। ପରିଜନ ଏବଂ ରୋଗୀ ମଧ୍ୟ ଡାକ୍ତରଖାନା ଆସନ୍ତି। ପ୍ରାୟ ଦୁଇ ବର୍ଷ ମଧ୍ୟରେ ଏମ୍ସର ପ୍ରାୟ ୨୦୦ ରୋଗୀଙ୍କୁ ଆଇସିୟୁରୁ ଘରକୁ ଛଡ଼ାଯାଇଛି। ତା' ପୂର୍ବରୁ ପରିଜନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଆବଶ୍ୟକସ୍ଥଳରେ ଡାକ୍ତରଖାନା ପକ୍ଷରୁ ରୋଗୀଙ୍କୁ ଉପକରଣ ମଧ୍ୟ ପ୍ରଦାନ କରାଯାଇଛି। ଆଇସିୟୁ ସେବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବର୍ତ୍ତମାନ ଜିଲ୍ଲାସ୍ତରର ଆଶାକର୍ମୀଙ୍କୁ ମଧ୍ୟ ଦିଆଯାଉଛି।

# ଏଣିକି 'ସମନ୍ୱିତ ଡିପିଏମ୍‌ଆର କ୍ଲିନିକ୍'



ଭୁବନେଶ୍ୱର ,୧୮/୦୯ (ନି.ପ୍ର): ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ(ଏନ୍.ଏଲଇପି) ଅଧୀନରେ ଚାଲୁଥିବା ଭିନ୍ନକ୍ଷମ ନିରାକରଣ ଓ ମେଡିକାଲ ପୁନର୍ବାସ(ଡିପିଏମ୍‌ଆର) ସହିତ ଲିମ୍ଫାଟିକ ଫାଇଲେରିଆ ନିରାକରଣ (ଇଏଲଏଫ୍) ଅଧୀନରେ ଥିବା ଅସୁସ୍ଥତା ପରିଚାଳନା ଓ ଅକ୍ଷମତା ନିୟନ୍ତ୍ରଣ(ଏନ୍‌ଏମ୍‌ଡିପି)ର ମିଶ୍ରଣ କରାଯାଇଛି। ଏଣିକି ଏହା ସମନ୍ୱିତ ଡିପିଏମ୍‌ଆର କ୍ଲିନିକ୍ ଭାବେ ବିବେଚିତ ହେବ। ଯାହାଫଳରେ ଗୋଟିଏ କ୍ଲିନିକ୍ ଅଧୀନରେ କୁଷ୍ଠ ଓ ଫାଇଲେରିଆ ରୋଗୀଙ୍କ ଚିକିତ୍ସା ହୋଇପାରିବ। ଦୁଇ କାର୍ଯ୍ୟକ୍ରମର ମିଶ୍ରଣ ସଂପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ନିର୍ଦ୍ଦେଶନାମା ପ୍ରକାଶ ପାଇବାର ୧ମାସ ମଧ୍ୟରେ ଜିଲ୍ଲାସ୍ତରରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଦୁଇ କାର୍ଯ୍ୟକ୍ରମର ମିଶ୍ରଣ ଫଳରେ ଏହି ଦୁଇ ରୋଗୀଙ୍କୁ ଉପଯୁକ୍ତ ସେବା ସହିତ ତାଲିମପ୍ରାପ୍ତ ମାନବସମ୍ବଳର ସ୍ୱାସ୍ଥ୍ୟସେବାର ସର୍ବାଧିକ ବ୍ୟବହାର ହୋଇପାରିବ।

# ବିଶ୍ୱ ହୋମିଓପ୍ୟାଥିକ କଂଗ୍ରେସରେ ଡାକ୍ତର ନନ୍ଦଙ୍କ ସନ୍ଦର୍ଭ ଉପସ୍ଥାପନା



ଭୁବନେଶ୍ୱର ,୧୮/୦୯ (ନି.ପ୍ର): ଚଳିତ ମାସ ୭ରୁ ୧୦ ତାରିଖ ମଧ୍ୟରେ ତୁର୍କୀର ଇସ୍ତାନବୁଲ୍‌ରେ ଆନ୍ତର୍ଜାତିକ ହୋମିଓପ୍ୟାଥିକ କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱର ପ୍ରାୟ ୩୦ଟି ଦେଶର ବହୁ ହୋମିଓପ୍ୟାଥିକ ଚିକିତ୍ସକ, ଭାରପ୍ରାପ୍ତ ଅଧିକାରୀ ଯୋଗ ଦେଇଥିବା ବେଳେ ୭୫ ଜଣ ଅଭିଜ୍ଞ ଗବେଷକ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ହୋମିଓପ୍ୟାଥି ଚିକିତ୍ସା ବର୍ତ୍ତମାନ ୧୭୩ଟି ଦେଶରେ ଆଇନସମ୍ମତ ଚିକିତ୍ସା ଭାବେ ବ୍ୟବହୃତ ହେଉଛି। ଏହି ଚିକିତ୍ସାକୁ ଅଧିକ ଉପାଦେୟ କରିବା ପାଇଁ ବିଭିନ୍ନ ଦେଶର ଔଷଧ ପ୍ରସ୍ତୁତି ପ୍ରଣାଳୀ, ଶିକ୍ଷା ପଦ୍ଧତି, ନୂତନ ଔଷଧର ସୃଷ୍ଟି ଓ ବ୍ୟବହାର, ବିଭିନ୍ନ ଜଟିଳ ରୋଗ ପାଇଁ ଏହାର ପ୍ରଜୁର୍ଯ୍ୟତାର ସମ୍ମୀକରଣ ଉପରେ ଆଲୋଚନା କରାଯାଇ ଉପଦେଶାବଳୀମାନ ପ୍ରସ୍ତୁତ କରାଯାଇଛି। ଡା. ଲକ୍ଷ୍ମୀକାନ୍ତ ନନ୍ଦ ଏହି ସମ୍ମିଳନୀରେ ସର୍ଭିକାଲ ସ୍ପଣ୍ଡିଲୋସିସ୍‌ରେ କେତେକ ନୂତନ ଔଷଧ ଉପାଦେୟତା ଉପରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ।

# ନିଅଣ୍ଟ ପଡୁଛି ଭିଟାମିନ୍ ଚାଉଳ: ଅପପୁଷ୍ଟିର ଶିକାର ୫ଜିଲ୍ଲାର ପିଡିଏସ୍‌ରେ ହୋଇପାରୁନି ଯୋଗାଣ



ଭୁବନେଶ୍ୱର ,୧୮/୦୯ (ନି.ପ୍ର): ଚାଉଳ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ; କିନ୍ତୁ ଭିଟାମିନ୍‌ଯୁକ୍ତ ଚାଉଳ ନିଅଣ୍ଟ ପଡୁଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ, ବର୍ତ୍ତମାନ ସୁଦ୍ଧା ୩୦ ଜିଲ୍ଲାରେ ଆଇସିଡିଏସ୍ ଓ ଏମଡିଏମ୍ ଯୋଜନାରେ ଏବଂ ମାର୍ଚ୍ଚ ୨୨ତାରିଖ ସୁଦ୍ଧା ଅପପୁଷ୍ଟି ଥିବା ୧୩ ଜିଲ୍ଲାରେ ପିଡିଏସ୍‌ରେ ଭିଟାମିନ୍ ଚାଉଳ ପହଞ୍ଚିବା ଉଚିତ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଆଇସିଡିଏସ୍ ଏବଂ ଏମ୍‌ଡିଏମ୍ ଯୋଜନାରେ ୧୬ଜିଲ୍ଲା ଏବଂ ପିଡିଏସ୍‌ରେ ଅପପୁଷ୍ଟି ଥିବା ୮ଜିଲ୍ଲାରେ ଏହା ପହଞ୍ଚି ପାରିଛି। ୨୦୨୩ ମସିହା ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ଜିଲ୍ଲାର ଉଭୟ ପିଡିଏସ୍, ପୋଷଣ ଏବଂ ଏମଡିଏମ୍ ଯୋଜନାରେ ସାଧାରଣ ଚାଉଳ ବଦଳରେ ଭିଟାମିନ୍‌ଯୁକ୍ତ ଚାଉଳ ବିତରଣ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅପପୁଷ୍ଟିର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇରନ୍, ଫୋଲିକ୍ ଏସିଡ୍ ଏବଂ ଭିଟାମିନ୍-ବି ୧୨ ମିଶ୍ରିତ ଭିଟାମିନ୍ ଚାଉଳ ଯୋଗାଣ ପାଇଁ ଗୁରୁତ୍ୱ ଦିଆଯାଉଛି। ଯେଉଁଥିରେ ୧୦୦ଗ୍ରାମ ଚାଉଳ, ୧ ଗ୍ରାମ୍ ଭିଟାମିନ୍ ରହିଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର, ମୟୂରଭଞ୍ଜରେ ପିଡିଏସ୍‌ରେ ଏହି ଚାଉଳ ଦିଆଯାଉଛି। ସବୁ ଜିଲ୍ଲାକୁ ଭିଟାମିନ୍ ଚାଉଳ ଯୋଗାଣରେ ବାଧକ ହେଉଛି ଆବଶ୍ୟକ ସଂଖ୍ୟକ ରାଇସ ମିଲ୍‌ର ଅଭାବ। ଅର୍ଥାତ୍ ରାଜ୍ୟରେ ଥିବା ୧୩୧୩ ରାଇସ୍ ମିଲ ମଧ୍ୟରୁ କେବଳ ୫୧୫ ରାଇସ ମିଲ୍‌ରେ ହିଁ ଭିଟାମିନ୍‌ଯୁକ୍ତ ଚାଉଳ ଉତ୍ପାଦନର କ୍ଷମତା ରହିଛି। ଏହି ମିଲ୍‌ଗୁଡ଼ିକୁ ମଧ୍ୟରୁ ଅଧିକାଂଶ ଟିଟିଲାଗଡ଼ ଏବଂ ସମ୍ବଲପୁର ଏଫସିଆଇ ଜିଲ୍ଲା ଅନ୍ତର୍ଗତରେ ରହିଛି। ଏଥିପାଇଁ ମୁଖ୍ୟତଃ ପଶ୍ଚିମଓଡ଼ିଶା ଜିଲ୍ଲାଗୁଡ଼ିକରେ ହିଁ ଏହି ଚାଉଳ ଯୋଗାଣ ହୋଇ ପାରୁଛି। ବିଭିନ୍ନ ବାବଦରେ ଓଡ଼ିଶାକୁ ୩୩ ଲକ୍ଷ ମେଟ୍ରିକ ଟନ ଚାଉଳ ଆବଶ୍ୟକ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଥିବା ରାଇସ ମିଲରେ ମାସିକ ୨ ଲକ୍ଷ ୬୪ହଜାର ମେଟ୍ରିକ ଟନର ଭିଟାମିନ ଚାଉଳ ଉତ୍ପାଦନର କ୍ଷମତା ରହିଛି। ପ୍ରଶାସନିକ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁସାରେ, ଆଇସିଡିଏସ୍, ଏମଡିଏମ୍ ଏବଂ ପିଡିଏସ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୮ ଲକ୍ଷ ୪୯ ହଜାର ୭୭୨ ମେଟ୍ରିକ ଟନ୍ ଭିଟାମିନ୍ ଚାଉଳ ଯୋଗାଣ କରାଯାଉଛି। ଏଥିରୁ ୬ଲକ୍ଷ ୩୭ହଜାର ଏଫସିଆଇ ଦେଉଛି ଏବଂ ବାକି ୨ ଲକ୍ଷ ୧୨ ହଜାର ଓଡ଼ିଶା ନିଜେ ଉତ୍ପାଦନ କରୁଛି। ୨୦୨୩ ସୁଦ୍ଧ ଚାହିଦା ଅନୁସାରେ, ଓଡ଼ିଶା ଭିଟାମିନ୍ ଚାଉଳ ଉତ୍ପାଦିତ କରିବା ନେଇ ବର୍ତ୍ତମାନ ବି ପ୍ରଶ୍ନବାଚୀ ରହିଛି। ଅପପୁଷ୍ଟି ମୁକାବିଲା ପାଇଁ ଭିଟାମିନ ଚାଉଳ ଯୋଗାଣ କରାଯାଉଥିବା କହୁଛନ୍ତି କେନ୍ଦ୍ର ସରକାର। ମାତ୍ର ଏହାକୁ ନେଇ ବିଭିନ୍ନ ସାମାଜିକ ସଙ୍ଗଠନଗୁଡ଼ିକ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ଖାଦ୍ୟ ଅଧିକାର ଅଭିଯାନ ପକ୍ଷରୁ କୁହାଯାଇଛି, ଗତବର୍ଷ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଭିଟାମିନ ଚାଉଳ ବିତରଣ ବ୍ୟବସ୍ଥା ଆରମ୍ଭ ହେଲା। କୁହାଯାଉଥିଲା, ପାଇଲଟ ଜିଲ୍ଲାର ରିପୋର୍ଟ ଆଧାରରେ ସମଗ୍ର ଦେଶରେ ଲାଗୁ ହେବ। କିନ୍ତୁ ଓଡ଼ିଶାର ମାଲକାନଗିରି ସମେତ କୌଣସି ପାଇଲଟ ଜିଲ୍ଲାରେ ଭିଟାମିନ ଚାଉଳ ବ୍ୟବହାର ନେଇ ରିପୋର୍ଟ ନ ଆସିବା ପରେ ମଧ୍ୟ ଏହାକୁ ସାମଗ୍ରିକ ଭାବରେ କାହିଁକି ଲାଗୁ କରାଗଲା। ଦ୍ୱିତୀୟତଃ ଥାଲାସେମିଆ ଏବଂ ସିକଲିନ ରୋଗୀଙ୍କୁ ଆଇରନଯୁକ୍ତ ଖାଦ୍ୟ ଖାଇବା ପାଇଁ ବାରଣ କରାଯାଏ। ସରକାର ଏହାକୁ ନେଇ ଅବଗତ ଥାଇ ମଧ୍ୟ ବିନା ସୂଚନାରେ ବ୍ୟାପକ ଭାବରେ ଏହାକୁ ପିଡିଏସରେ ସାମିଲ କରିଛନ୍ତି। ତୃତୀୟତଃ ଏଥିସଂକ୍ରାନ୍ତରେ ଲୋକଙ୍କ ସହିତ ମଧ୍ୟ ଆଲୋଚନା ହୋଇ ନାହିଁ। ଏହି ଚାଉଳର ରଙ୍ଗ ଏବଂ ସ୍ୱାଦରେ ପରିବର୍ତ୍ତନ ଆସିଛି, ଏହାକୁ ନେଇ ପୂର୍ବରୁ ସୂଚନା ଦିଆଯିବା ଉଚିତ। ଭିଟାମିନ ଯାହା ଚାଉଳରେ ମିଶା ଯାଏ ତାହା ଏକ ବିଦେଶୀ କମ୍ପାନି ଦ୍ୱାରା ଉତ୍ପାଦିତ ବୋଲି ମଧ୍ୟ ସଙ୍ଗଠନ କହିଛି। ପିଡିଏସ ଏବଂ ଆଇସିଡିଏସରେ ଭିଟାମିନ ଚାଉଳ ଚାଉଳ ସାମିଲ କରାଗଲା କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ବିନା ସରକାର କାହିଁକି ଲାଗୁ କରିଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ରହିଛି।

# ଅଶୋକ ମହାନ୍ତି ଥିଲେ ଅନନ୍ୟ ଚିତ୍ରଶିଳ୍ପୀ



ଭଦ୍ରକ୧୮/୦୯ (ନି.ପ୍ର): ଭଦ୍ରକ ସାହିତ୍ୟ ପରିଷଦର ଏକ ଶ୍ରଦ୍ଧାଞ୍ଜଳି ସଭା ଡ. ଗୋଲକ ବିହାରୀ ସାହୁଙ୍କ ସାବିତ୍ରୀ ସଦନଠାରେ ଅନୁଷ୍ଠିତ ହୋଇ ଯାଇଛି । ଡ. ରାଧାରାଣୀ ମହାପାତ୍ର ପୌରୋହିତ୍ୟରେ ଅନେକ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜିବୀ ଉପସ୍ଥିତ ରହି ୰ ଅଶୋକ କୁମାର ମହାନ୍ତିଙ୍କ ବହୁବିଧ ପ୍ରତିଭା ଉପରେ ଆଲୋଚନା ରଖିଥିଲେ । ଡ. ଶଶଧର ଦାସ ମୁଖ୍ୟ ଅତିଥି, ଡ. ଗୋଲକ ବିହାରୀ ସାହୁ ସମ୍ମାନିତ ଅତିଥି, ହରିଶ ଦାସ, ବିଜୟ କୁମାର ବହଳୀ ଅନ୍ୟତମ ଅତିଥିଭାବେ ଯୋଗଦାନ କରି ଶିଳ୍ପୀର ମୃତ୍ୟୁ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ୰ ଅଶୋକ କୁମାର ମହାନ୍ତି ଏକାଧାରାରେ ଜଣେ ଚିତ୍ରଶିଳ୍ପୀ, ଶିଶୁ ସାହିତ୍ୟିକ, କବି, ପ୍ରାବନ୍ଧିକ, ଅଭିନେତା, ଶିକ୍ଷକଭାବେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ ବୋଲି ଆଲୋଚନା ରଖିଥିଲେ। ପ୍ରଭାତ କୁମାର ଜେନା, ରତିକାନ୍ତ ବେହେରା, ଗୌରାଙ୍ଗ ବାରିକ, ଖଗେଶ୍ୱର ଜେନା, ମୁକ୍ତିକାନ୍ତ ମଲ୍ଲିକ, ଶାନ୍ତନୁ ରାଉତ, ଡ. ଅବନୀ ପ୍ରଧାନ, ନିର୍ମଳ ରାଉତ, ଅରୂପାନନ୍ଦ ନାୟକ,ଗୋକୁଳାନନ୍ଦ ରାଉତ, ଭାନୁମତୀ ମାଟିଆ, ଦୀପ୍ତିମୟୀ ସାହୁ. ଗୀତାରାଣୀ ଆଇଚ, ଦମୟନ୍ତୀ ନାଥ, ପ୍ରିତୀଲତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ । ସାହିତ୍ୟ ପରିଷଦର ଏହି ବରିଷ୍ଠ ସଭ୍ୟଙ୍କ ଅବର୍ତ୍ତମାନ କଳା ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଥିଲା ବୋଲି ସମସ୍ତ ସଭ୍ୟ ସଭ୍ୟା ମତ ରଖିଥିଲେ ।

# ବାରିପଦାରେ ନକଲି ମଦ କାରଖାନା ଉପରେ ଚଢ଼ାଉ : ଜଣେ ଗିରଫ ସହ ବିଦେଶୀ ମଦ, ସ୍ପିରିଟ ଓ ସରଂଜାମ ଜବତ



ବାରିପଦା : ନକଲି ମଦ କାରବାର ଥମିବାର ନାମ ଧରୁନି । ଅନେକ ସ୍ଥଳରେ ଏହି ନକଲି ମଦ୍ୟପାନ କରି ଲୋକେ ଦୁରାରୋଗ୍ୟରେ ପଡିବା ସହିତ ମୃତ୍ୟୁବରଣ ମଧ୍ୟ କରୁଛନ୍ତି । ତେବେ ମୟୂରଭଂଜ ଜିଲ୍ଲାରେ ପ୍ରାୟତଃ ୧୮ ଏବଂ ୪୯ ନମ୍ବର ଜାତୀୟ ରାଜପଥ କଡରେ ଥିବା ଢ଼ାବା ଗୁଡିକରେ ପ୍ରତିଦିନ ବିପୁଳ ପରିମାଣର ମଦ ଚୋରାରେ ବିକ୍ରି ହୋଇଥାଏ। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ କାଁଭାଁ ଏଗୁଡିକ ଉପରେ ଚଢାଉ କରୁଥିବା ବେଳେ ଦିନରାତି ଖୁଲ୍ଲମ ଖୁଲା ଚୋରା ମଦ ବେପାର ଚାଲିଛି । ତେବେ ଆଜି ବାରିପଦା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନର୍ଦ୍ଦେଶ କ୍ରମେ ଅବକାରୀ ଥାନା ଇନସ୍ପେକ୍ଟର ଓ କର୍ମଚାରୀ ନକଲି ମଦ ତିଆରି ହେଉଥିବା ସ୍ଥାନରେ ଚଢ଼ାଉ କରି ବିପୁଳ ନକଲି ମଦ, ବିଭିନ୍ନ ବିଦେଶୀ ବ୍ରାଣ୍ଡର ଲେବୁଲ ସହିତ ଠିପି ବହୁଳ ପରିମାଣରେ ଜବତ କରିଛି। ସୂଚନା ମୁତାବକ ଶନିବାର ସକାଳ ୬ଟା ସମୟେର ଅବକାରୀ ଟିମର ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ ଦାସ, ଏଏସଆଇ କ୍ଷୀରୋଦ ପାତ୍ର, ଅବକାରି କନେଷ୍ଟବଳ ହେମନ୍ତ କୁମାର ପାତ୍ର, ବିଶ୍ୱଜିତ ବେହେରା, ଅନୁରାଜ ତେରଇ, ପ୍ରଭାତି ମଲ୍ଲ ପ୍ରମୁଖ ଦାରୋଗଦାହି ସ୍ଥିତ ସେରାବାଲି ଢ଼ାବା ପଛ ପେଟ ଏକ ନିକାଂଚନ ଜାଗାରେ ବେଆଇନ ମଦ କାରଖାନା ଚାଲୁଥିବାର ଖବର ପାଇ ଚଢ଼ାଉ କରି ନକଲି ମଦ ପ୍ରସ୍ତୁତିର ପର୍ଦା ଫାଶ କରିଛି। ଏଚଢଉ ବେଳେ ୧୨ଲିଟର ବିଦେଶୀ ମଦ, ୧୮ ଲିଟର ନକଲି ବ୍ଲେଣ୍ଡିଙ୍ଗ ସ୍ପିରିଟ, ୧୬.୨୫୦ ଲିଟର ବିଅର, ୨୦୦୦ ନକଲି ଲେବୁଲ, ୭୦୦ ଟି ଠିପି ଆଦି ଜବତ ହୋଇଥିବା ବେଳେ ଏହି ଅଭିଯୋଗେର ରାଜେନ୍ଦ୍ର ଗୋପ ନାମକ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରି ଥିବାର ଜଣାପଡିଛି।

# 'ଶୋଭା'ର ୭ମ ସମ୍ବତ୍ସର ଉତ୍ସବରେ ନାଟକ 'ବିଷକୁମ୍ଭ'ର ଶାଶ୍ୱତ ବାର୍ତ୍ତା




ବାଲେଶ୍ୱର,୧୮/୦୯ (ନି.ପ୍ର): ଦୀର୍ଘ ଦୁଇବର୍ଷ ପରେ ବାଲେଶ୍ୱରର ଏକମାତ୍ର ପ୍ରେକ୍ଷାଳୟ ଓ.ଟି.ରୋଡ଼ସ୍ଥ ଗାନ୍ଧିସ୍ମୃତିଭବନରେ ବିଶିଷ୍ଟ ନାଟ୍ୟକାର ଡକ୍ଟର ପ୍ରଦୀପ ଭୌମିକଙ୍କ ରଚିତ ଏବଂ ଅର୍ଣ୍ଣବ କରଙ୍କ ନିର୍ଦ୍ଦେଶିତ ନାଟକ 'ବିଷକୁମ୍ଭ' ନାଟ୍ୟାନୁଷ୍ଠାନ 'ଶୋଭା'ର ୭ମ ବାର୍ଷିକ ଉତ୍ସବ ପାଳନ ଅବସରରେ ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାକୁ 'ଶୋଭା'ର ସଭାପତି ସିଦ୍ଧାର୍ଥ ସାରଥୀ ଦାସଙ୍କ ଅଧକ୍ଷତାରେ ପ୍ରାଧ୍ୟାପକ ରାଜେନ୍ଦ୍ର କିଶୋର ରାୟ, ପ୍ରସିଦ୍ଧ ଗୀତିକାର ରମାକାନ୍ତ ଦାସ (ଆକାଶବାଣୀ) ଏବଂ କବି-ନାଟ୍ୟକାର ଶ୍ରୀଦେବଙ୍କ ବକ୍ତବ୍ୟରେ ନାଟକ ଯୁଗଯୁଗଧରି ସମାଜକୁ ଦିଗ୍‌ଦର୍ଶନ ଦେଇଆସିଛି, ଭଲ ନାଟକ ସାମାଜିକ ଜୀବନରେ ସକରାତ୍ମକ ରାହା, ମାନବ ଜାତିର ଚେତନା ସଂବୃଦ୍ଧି କରାଇଥାଏ ବୋଲି ଅତିଥିଗଣ ନିଜନିଜର ଅଭିବ୍ୟକ୍ତି ରଖିଥିଲେ। ଏହି ଅବକାଶରେ ଓଡ଼ିଶାର ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ଅଭିନେତା, ସଂଗୀତ-ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କର ସାମଗ୍ରିକ ସାରସ୍ୱତ ସଫଳତା ପାଇଁ 'ଶୋଭା' ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାବର୍ତ୍ତନ ଉତ୍ସବରେ ଅଜୟ ଆଚାର୍ଯ୍ୟଙ୍କ ଦ୍ୱାରା ଅତିଥିଆବାହନ କରାଯାଇଥିଲା ବେଳେ 'ଶୋଭା'ର ସଂପାଦକ ଆଶିଷ ବର୍ଦ୍ଧନ ସଂପାଦକୀୟ ବିବରଣୀ ପାଠ କରିଥିଲେ। ପରିଶେଷରେ ସଦସ୍ୟା ମାମା ମିଶ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ରକ୍ଷଣଶୀଳ ପରିବାରର ପୁଅ 'କାହ୍ନୁ' ଜୀବନର ଝଡ଼ଝଞ୍ଜା, ଉତ୍‌ଥାନ ପତନର ସାମନା କରି ଜୀବନଯାତ୍ରାରେ ଥକ୍କିନପଡ଼ି ମାର୍ଗଦର୍ଶିକା ପାଲଟିଯିବା ନାଟକ 'ବିଷକୁମ୍ଭ'ରେ ଏହି ସାମାଜିକ ପ୍ରତିଫଳନକୁ ଅଭିନେତା ଆଶିଷ, ମଦନ, ଶୁଭଙ୍କର, ଅର୍ଣ୍ଣବ, ଲକ୍ଷ୍ମୀ, ଅନନ୍ତ, ବୁଲୁ, ଶିଶୁକଳାକାର ନିହାର, ପୁନମ୍ ଏବଂ ଅଭିନେତ୍ରୀ ସୁସ୍ମିତା ରଣାଙ୍କ ଜୀବନ୍ତ ଅଭିନୟକୁ ଦର୍ଶକମାନେ ଉପଭୋଗ କରିଥିଲେ।

# ନୀଳଗିରିରେ ଜୀଓ ନେଟ୍‌ୱାର୍କ ଦୁର୍ବଳ: ଗ୍ରାହକ ଡହଳ ବିକଳ

ନୀଳଗିରି,୧୮/୦୯ (ନି.ପ୍ର): କିଛି ମାସ ଧରି ନୀଳଗିରିରେ ଜିଓ ନେଟ୍‌ୱାର୍କ ଦୁର୍ବଳ ହେଇଥିବାରୁ ଗ୍ରାହକମାନେ ଡହଳବିକଳ ହେଉଛନ୍ତି । ଜିଓ ଇଂଟରନେଟ୍ କୁ ନୀଳଗିରି ରେ ନବେ ପ୍ରତିଶତ ଗ୍ରାହକ ବ୍ୟବହାର କରିଆସୁଛନ୍ତି । ମାତ୍ର କିଛିଦିନ ଧରି ଜିଓ ନେଟ୍‌ୱାର୍କ ଆସୁ ନ ଥିବା ବେଳେ କଲ ମଧ୍ୟ ଯାଉ ନାହିଁ । ଫଳରେ ଜିଓ ଉପଭୋକ୍ତାମାନଙ୍କ ଠାରୁ କୋଟି କୋଟି ଟଙ୍କା ହରିଲୁଟ କରିଚାଲିଛି ଜିଓ କମ୍ପାନୀ । ଏଥିପ୍ରତି ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ଦୁଃଖ ଓ ପରିତାପର ବିଷୟ । ଏପରିକି ଜରୁରୀ ପରିସ୍ଥିତିରେ ଜିଓ ସିମ୍‌ରୁ ଅନ୍ୟ ମୋବାଇଲକୁ ଫୋନ୍ ଯାଉ ନ ଥିବାର ଅଭିଯୋଗ ହେଉଛି । ମାତ୍ର ସଂପୃକ୍ତ କମ୍ପାନୀ ନେଟ୍‌ୱାର୍କ ଦୁର୍ବଳ କରି ଉପଭୋକ୍ତାମାନଙ୍କୁ ଚୁକ୍ତି ଅନୁସାରେ ଉପଯୁକ୍ତ ସେବା ନ ଦେଲେ ଆଗାମୀ ଦିନରେ ନୀଳଗିରି ବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ସରକାରୀ ଆଇଟିଆଇରେ ସମାବର୍ତ୍ତନ ସମାରୋହ




ବାଲେଶ୍ୱର,୧୮।୯(ନି.ପ୍ର): ବାଲେଶ୍ୱର ସରକାରୀ ଆଇଟିଆଇରେ ତୃତୀୟ କୌଶଳ ଦୀକ୍ଷାନ୍ତ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ସଫଳତା ପ୍ରାପ୍ତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ନିଜର ସ୍ୱପ୍ନକୁ ସାକାର ପାଇଁ କଠୋର ଅଧ୍ୟବସାୟ ସାଙ୍ଗକୁ ସମୟାନୁବର୍ତ୍ତିତା ହେବାକୁ ଜିଲାପାଳ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଇଏମସିର ଚେୟାରମ୍ୟାନ ଇଂ. ସଂଜୟ କୁମାର ଦାସ ଓ ଇଂଜିନିୟର୍ସ ଫୋରମର ସଭାପତି ଇଂ ସୁରେନ୍ଦ୍ର ନାଥ ଦାସ ଯୋଗଦେଇ ଶିକ୍ଷା ଗ୍ରହଣ ସହିତ ଚରିତ୍ରବାନ ହେବାକୁ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସର୍ବଭାରତୀୟ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ମାନପତ୍ର ପ୍ରଦାନ କରିଥିଲେ। ବାଲେଶ୍ୱର ସରକାରୀ ଆଇଟିଆଇ ଅଧ୍ୟକ୍ଷ ଇଂ. କୃଷ୍ଣଚନ୍ଦ୍ର ରାଉତ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀଛାତ୍ର ନିର୍ମାଲ୍ୟ ଶତପଥୀ, ସତ୍ୟଜିତ ରାଉତ, ସତ୍ୟରଞ୍ଜନ ପ୍ରଧାନ, ଦେବାଶିଷ ବାରିକ, କାର୍ତ୍ତିକ ବେହେରା, ଅଞ୍ଜନ କୁମାର ସାହୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସିକା ଦାଣ୍ଡିଆ ଏହି ଉତ୍ସବରେ ସଂଯୋଜନା କରିଥିଲେ।

# ଯୁବକ ଅସ୍ୱାଭାବିକ ମୃତ୍ୟୁରେ ଶୋକର ଛାୟା

ବସ୍ତା୧୮/୦୯ (ନି.ପ୍ର): ବସ୍ତାଥାନା ଅଧିନସ୍ଥ ପଣ୍ଡରୁଙ୍ଗି ଗ୍ରାମର ସ୍ୱର୍ଗତ ଗକୁଳ ସେନାପତିଙ୍କର ପୁତ୍ର ପ୍ରଦୀପ କୁମାର ସେନାପତି (୪୮) ବର୍ଷରେ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ପ୍ରଦୀପ ଡାଇବେଟିସରେ ଆକ୍ରାନ୍ତ ହୋଇଥିଲେ ହେଲେ ଶନିବାର ରାତ୍ରିରେ ଖାଦ୍ୟ ଖାଇ ସାରି ଶୋଇବାକୁ ଯାଇଥିଲେ । ହେଲେ ବିଳମ୍ବିତ ରାତ୍ରିରେ ପରିଶ୍ରାପାଇଁ ଯାଇ ଫେରୁଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବକରିବା ସହିତ ତଳେ ପଡିଯାଇଥିଲେ ପରିବାର ଲୋକେ ତାକୁ ତଳୁ ଉଠାଇଲା ବେଳକୁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପ୍ରଚାରିତ ହେବାପରେ ଅଞ୍ଚଳର ବହୁ ମାନ୍ୟଗନ୍ୟବକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ସମବେଦନା ଜଣାଇଥିଲେ । ସେ ଜଣେ ପରଉପକାରୀ ମିଷ୍ଟଭାଷୀ ଭଦ୍ର ସ୍ୱଭାବର ବ୍ୟକ୍ତିଭାବେ ଅଞ୍ଚଳରେ ପରିଚିତଥିଲେ । ତାଙ୍କ ମୃତ୍ୟୁ ରେ ଶୋକର ଛାୟା ଖେଳିଯାଇଛି ।

# ବସ୍ତା ଅଞ୍ଚଳରେ ଧୁମଧାମରେ ବିଶ୍ୱର୍କମା ପୂଜା ଅନୁଷ୍ଠିତ



ବସ୍ତା,୧୮.୯(ନିପ୍ର) : ବସ୍ତା ଅଞ୍ଚଳରେ ଧୁମଧାମର ବିଶ୍ୱର୍କମା ଉନୁଷ୍ଠିତ ହୋଇଯାଇଛି। କରକାରୀ ବେସରକାରୀ ଅନୁଷ୍ଠାନ ସାଙ୍ଗକୁ ଘରେ ଘରେ ଦୁନା ମେସିନ ଓ କାଠ ମିସ୍ତ୍ରୀ, ରାଜମିସ୍ତ୍ରୀ ମଟର ଗାଡି ମାନଙ୍କର ପୂଜା ଦେଖିବାକୁ ମିଳିଥିଲା ବିଶେଷ କରି ଠିକାଦାର ରେଳ କର୍ମଚାରୀ ମାଙ୍କର ପୂଜାହୋଇଛି ପାଗକିଛିମାତ୍ରାରେ ଭଲ ହୋଇଥିବାରୁ ପ୍ରାଏ ପୂଜା ଅସୁବିଧା ଦେଖାଯାଇନଥିଲା

# ବିଜେପିକୁ ଆକ୍ଷେପ କରିବା ପୂର୍ବରୁ ଜୟରାମ ରମେଶ ଦର୍ପଣରେ ନିଜ ଚେହେରା ଦେଖନ୍ତୁ: ମୋହନ ମାଝୀ

ଭୁବନେଶ୍ୱର,୧୮/୦୯ (ନି.ପ୍ର): ଆଜି ନିଜ ଦୋଷ ଓ ଦୁର୍ବଳତାକୁ ଦେଶବାସୀଙ୍କ ସମ୍ମୁଖରେ ଲୁଚାଇବା ପାଇଁ ଦେଶ ବିଭାଜନର ମୁଖ୍ୟ କାରଣ ସାଜିଥିବା କଂଗ୍ରେସ ଦଳର ବଂଶଜମାନେ ବର୍ତମାନ ବିଭିନ୍ନ ଡ୍ରାମାବାଜି କରୁଛନ୍ତି । ଅତୀତର ଦୋଷ ପାଇଁ ପ୍ରାୟଶ୍ଚିତ ନକରି ପଦଯାତ୍ରା ଦ୍ୱାରା ନିଜ ପାପକୁ ଆହୁରି ଦ୍ୱିଗୁଣିତ କରୁଛନ୍ତି । ଦେଶ ସ୍ୱାଧୀନ ହେବା ପରେ କଂଗ୍ରେସ ଦଳର କେବଳ ବଂଶବାଦ ଓ ତୁଷ୍ଟିକରଣ ରାଜନୀତି କାରଣରୁ ଭାରତବର୍ଷର ବିକାଶ ବାଧାପ୍ରାପ୍ତ ହୋଇଛି । ଅନ୍ୟ ପଟେ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ'କୁ ପାଥେୟ କରି ବର୍ତମାନର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଗତ ୮ ବର୍ଷର ଶାସନରେ ଅନେକ ଜନକଲ୍ୟାଣ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରି ଭାରତବର୍ଷକୁ ଦେଶ ତଥା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସ୍ଥାପନା କରିବାରେ ସଫଳ ହୋଇଛନ୍ତି । କଂଗ୍ରେସ ଦଳର ଦାୟାଦ ସାଜିଥିବା ରାହୁଲ ଗାନ୍ଧୀ ଏହାକୁ ସହି ନପାରି ଏବଂ ନିଜ ସ୍ଥିତି ଓ ଅସ୍ତିତ୍ୱକୁ ବଂଚାଇ ରଖିବା ପାଇଁ ପଦଯାତ୍ରା ଆଳରେ ଡ୍ରାମା ବାଜି କରୁଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଅତୀତର କୁକର୍ମ ପାଇଁ ରାଷ୍ଟ୍ରୀୟ ସ୍ତରରେ କଂଗ୍ରେସ ଦଳର ସ୍ଥିତି ଦିନକୁ ଦିନ ରସାତଳଗାମୀ ହେବାରେ ଲାଗିଛି । ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ, ବଳିଷ୍ଠ ବ୍ୟକ୍ତିତ୍ୱ ଓ ଲୋକାଭିମୁଖୀ ଯୋଜନାକୁ କଂଗ୍ରେସର ହାଇକମାଣ୍ଡଙ୍କଠାରୁ ତୃଣମୂଳ ସ୍ତରର ନେତାମାନେ ଅସହିଷ୍ଣୁ ହୋଇପଡିଛନ୍ତି । ୨୦୧୪ମସିହାରେ ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଦେଶ ଓ ବିଦେଶରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସହଜେ ହଜମ ନକରିପାରି ବାଉଳା ଚାଉଳା ହେଉଛନ୍ତି। କଂଗ୍ରେସ "ଭାରତ ଯୋଡ" ଯାତ୍ରା ଆରମ୍ଭ କଲାବେଳକୁ ଗୋଟିଏ ଗୋଟିଏ ରାଜ୍ୟରେ ଦଳ ଛିଡି ପଡୁଛି। ଦୁଇଦିନ ତଳେ ଗୋଆ ପ୍ରଦେଶରେ କଂଗ୍ରେସ ଦଳ ପରିତ୍ୟାଗ କରିଥିବା ବିଧାୟକଙ୍କ ଘଟଣା ହେଉଛି କଂଗ୍ରେସ ଦଳର ବାସ୍ତବ ସ୍ଥିତି।ଏପରିକି ଓଡିଶାରେ ମଧ୍ୟ ନିଜ ସ୍ଥିତି ବଜାୟ ରଖିବା ପାଇଁ କଂଗ୍ରେସ ଦଳ ସଂଗ୍ରାମ ଜାରୀ ରଖିଛି । ରାଜ୍ୟରେ କଂଗ୍ରେସ ଦଳ ଶାସକ ବିଜେଡିର ବି-ଟିମ୍ ସାଜି କ୍ଷମତା ଉପଭୋଗ କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଭାରତ ଯୋଡ଼ୋ ଯାତ୍ରା...

ଭାରତ ବର୍ଷର ୧୨ ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଂଚଳ ଦେଇ ଗତି କରିବ । ଏହି ଯାତ୍ରାରେ ଲକ୍ଷ ଲକ୍ଷ ଲୋକ ନିଜକୁ ସାମିଲ କରି ଚାଲିଛନ୍ତି । ପ୍ରତିଦିନ ସକାଳ ୨୩ କି.ମି ଯାତ୍ରା କରାଯାଉଛି । ଏହି ଯାତ୍ରା ସମୟରେ ଶ୍ରୀ ରାହୁଲ ଗାନ୍ଧୀ କୃଷକ, ଶ୍ରମିକ, ମତ୍ସ୍ୟଜୀବି ଓ ସମାଜର ବିଭିନ୍ନ ବର୍ଗଙ୍କ ସହିତ ଆଲୋଚନା କରୁଛନ୍ତି । ଏପରିକି ବହୁମାତ୍ରାରେ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ବୁଦ୍ଧିଜୀବି ମାନେ ମଧ୍ୟ ଏହି ଯାତ୍ରାରେ ଅଂଶଗ୍ରହଣ କରିବା ସହିତ ଆଲୋଚନା ମଧ୍ୟ କରୁଛନ୍ତି । ବିରୋଧି ମାନେ "ଭାରତ ଯୋଡ଼ୋ"ର ଆବଶ୍ୟକତା ଓ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କରୁଛି ବୋଲି ପ୍ରଶ୍ନ କରୁଥିବା ବେଳେ ଶ୍ରୀ ରମେଶ କହିଲେ ଯେ ଏହା କେବଳ ଭାରତବର୍ଷକୁ ଘୃଣା, ଦ୍ୱେଷ, ହିଂସା, ଧର୍ମ ନାମରେ ବିଭାଜିତ କରୁଥିବା ଶକ୍ତିମାନେ ଏହି ପ୍ରଶ୍ନ କରୁଛନ୍ତି ବୋଲି ଉତର ରଖିଥିଲେ । ଏହି ଅବସରରେ ଶ୍ରୀ ରମେଶ କହିଥିଲେ ଯେ "ଭାରତ ଯୋଡ଼ୋ" ଓଡ଼ିଶା କାର୍ଯ୍ୟକ୍ରମ ଅକ୍ଟୋବର ୩୧ ତାରିଖ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାର୍ଦ୍ଧ ଦିବସରେ ଭୁବନେଶ୍ୱର ସ୍ଥିତ ଇନ୍ଦିରାପାର୍କ ଠାରୁ ଶୁଭାରମ୍ଭ କରାଯିବ । ଓଡ଼ିଶାରେ ଏକ ଯୁଗଳବନ୍ଦି ସରକାର ଚାଲିଛି । ଏମାନେ ଓଡ଼ିଶାରେ ଅଲଗାର ଛଳନା କରୁଥିଲା ବେଳେ ଦିଲ୍ଲୀରେ ଏକାଠି । ଏହି ଦୁଇ ଦଳ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ । ପ୍ରଧାନମନ୍ତ୍ରୀଙ୍କ ଇଂଗିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଠବସ ହୁଅନ୍ତି । ଏହି ପରିକ୍ରମା କାର୍ଯ୍ୟକ୍ରମ ଓଡ଼ିଶାରେ ପରିବର୍ତନ ଆଣିବ । "ଭାରତ ଯୋଡ଼ୋ" ଯାତ୍ରାର ଅଧକ୍ଷ ଶ୍ରୀ ଦିଗ୍‌ବିଜୟ ସିଂ ସାମ୍ବାଦିକ ମାନଙ୍କ ଉଦ୍ଦେଶ୍ୟରେ କହିଲେ ଏହି ଭାରତ ଯୋଡ଼ ମାଧ୍ୟମରେ କଂଗ୍ରେସ ଭାରତ ବର୍ଷର ପ୍ରତ୍ୟେକ ପରିବାର ବର୍ଗଙ୍କ ପାଖରେ ବାର୍ତା ପଂହଚିବା ମୁଖ୍ୟ ଉଦ୍ଦେଶ୍ୟ । ତତ୍ ସହିତ ଶାନ୍ତି, ସଂହିତ, ସଦ୍‌ଭାବନା ଓ ଭାଇଚାରାକୁ କାୟାମ ରଖିବା ପାଇଁ ଏହି ଯାତ୍ରାର ଉଦ୍ଦେଶ୍ୟ । ବୁଥ୍ ରୁ ପ୍ରଦେଶ ପର୍ଯ୍ୟନ୍ତ ଦାୟୀତ୍ୱରେ ଥିବା କଂଗ୍ରେସ ପଦାଧିକାରୀ ମାନେ କେତୋଟି ପରିବାର କୁ ଏହି ଯାତ୍ରା ସହିତ ଯୋଡ଼ିଛନ୍ତି ତାର ମଧ ତଥ୍ୟ ରହିବ ବୋଲି କହିଛନ୍ତି ।

ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ "ଭାରତ ଯୋଡ଼ୋ"- ଓଡ଼ିଶା କାର୍ଯ୍ୟକ୍ରମରେ ସବିଶେଷ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ଏହି ଯାତ୍ରା ରାଜ୍ୟର ୨୬ ଟି ଜିଲ୍ଲାର ୨୨୫୦ କି.ମି. ପଦଯାତ୍ରା ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ । ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁଆରୀ ୩୦ ତାରିଖରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ । ଦୀର୍ଘ ୨୨ ବର୍ଷ ଧରି ନବୀନ ସରକାର ଓଡ଼ିଶାର ଜନସାଧାରଣଙ୍କୁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇ ନାହାନ୍ତି । ବର୍ଷକୁ ୨ଲକ୍ଷ ଚାକିରି, ପ୍ରତ୍ୟେକ ବ୍ଲକରେ ୩୫% ଚାଷଜମିରେ ଜଳସେଚନ ଯୋଗାଇବା, ଉତମ ସ୍ୱାସ୍ଥ୍ୟ ଯୋଗାଇ ଦେବା, କୃଷିର୍ଭିତିକ ଶିଳ୍ପ ସହିତ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ବହୁ କିଛି କରିବାର ସ୍ୱପ୍ନ ଦେଖାଇଥିଲେ । କିନ୍ତୁ ୨୨ ବର୍ଷ ଭିତରେ ଆଜି ସ୍କୁଲର ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଲକ୍ଷ ଲକ୍ଷ ଯୁବକ ବେକାର, ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ଠିକା କର୍ମଚାରୀ ରୂପେ ନିଯୁକ୍ତି ଦିଆଯାଉଛି । କୃଷକ ଆତ୍ମହତ୍ୟା ଓ ସଂଗଠିତ ଅପରାଧରେ ସାଇବର ଠକାଇ ଆଦି ରାଜ୍ୟ ଚରମ ସୀମାରେ ପଂହଚିଲାଣି । ଠିକ୍ ସେହିଭଳି ଭାବରେ ୮ ବର୍ଷ ଭିତରେ ମୋଦି ସରକାର ଭାରତବାସୀଙ୍କୁ ଯେତେସବୁ ପ୍ରତିଶୃତି ଦେଇଥିଲେ ଗୋଟିଏ ବି ପ୍ରତିଶୃତିକୁ ପାଳନ କରିବାରେ ସମର୍ଥ ହୋଇନାହାନ୍ତି । ୨ କୋଟି ଚାକିରି, ୧୫ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ, କଳାଧନ ଫେରାଇ ଆଣିବା କଥା ଏକ ଭେଳିକିରେ ପରିଣତ ହୋଇଛି । ଦରଦାମ ବୃଦ୍ଧିରେ ଆଜି ସାରାଦେଶ ହନ୍ତସନ୍ତ । ଏହି ପଦଯାତ୍ରାର ସୁପରିଚାଳନା ପାଇଁ ଜିଲ୍ଲା ସଂଯୋଜକ, ବ୍ଲକ ସଂଯୋଜକ ଏବଂ ପଂଚାୟତ ସଂଯୋଜକ, ବୁଥ ସଂଯୋଜକ, ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନ ମାନଙ୍କର ସଂଯୋଜକ ନିଯୁକ୍ତି ହୋଇଛନ୍ତି । ପଦଯାତ୍ରା ସମୟରେ ପଂଚାୟତ ସ୍ତରରୁ ସାଧାରଣ ଜନତା ଆସି କିପରି ଏହି ଯାତ୍ରାରେ ଯୋଡ଼ି ହେବେ ତାର ଯୋଜନା ପ୍ରସ୍ତୁତ ହୋଇଛି । ପଦଯାତ୍ରା ସମୟରେ ବ୍ୟାପକ ପରିମାଣରେ ପ୍ରଚାରପତ୍ର ଜନସଚେତନା ପାଇଁ ବଂଟନ କରାଯିବ । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ପଦଯାତ୍ରା ସମୟରେ ସେ ଅଂଚଳର ସବୁବର୍ଗର ଲୋକଙ୍କ ସହିତ ଆଲୋଚନା କରିବେ । ଏହି ଅବସରରେ ଭାରତ ଯୋଡ଼ୋ – ଓଡ଼ିଶା ସଂପର୍କରେ ଏକ ରୋର୍ଡମ୍ୟାପ ପୁସ୍ତିକା ଉନ୍ମୋଚନ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗର ଅଧକ୍ଷ ଗଣେଶ୍ୱର ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସାମ୍ବାଦିକ ସମ୍ମିଳନୀର ଉଦ୍ଦେଶ୍ୟ ବାବଦରେ ସମ୍ୟକ ତଥ୍ୟ ରଖିବା ସହିତ ଧନ୍ୟବାଦ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଂଟିଆ, ଶରତ ରାଉତ, ଭାରତ ଯୋଡ଼ୋ – ଓଡ଼ିଶା ସଂଯୋଜକ ରବିନ୍ଦ୍ର ସେଠୀ, ସହ ସଂହ ସଂଯୋଜକ ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୪ ଘଣ୍ଟାରେ ୬ ଶିଶୁଙ୍କ ମୃତ୍ୟୁ ....

ଏସପି ଘଟଣାସ୍ଥଳରେ ପହଞ୍ଚିଥିଲେ । ଉକ୍ତ୍ୟ ଲୋକଙ୍କୁ ବୁଝାସୁଝା କରି ଶିଶୁ ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ କରିଥିଲେ । ତେବେ ଏଡିଏମ୍‌ଓଙ୍କ କହିବା କଥା, ଗତ ୨୪ ଘଣ୍ଟାରେ ୬ ନୁହଁ, ୩ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି ଏସ୍‌ଏନ୍‌ସିୟୁରେ । କର୍ତ୍ତବ୍ୟରେ ଡାକ୍ତରଙ୍କ ଅବହେଳା ହୋଇଛି କି ନାହିଁ, ସେନେଇ ତଦନ୍ତ କରାଯିବ ବୋଲି ଏଡିଏମ୍‌ଓ ଡାକ୍ତର କିଶୋର ପୃଷ୍ଟି କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ମେଡ଼ିକାଲ୍‌ରେ ଗତ ୧୮ ଦିନ ମଧ୍ୟରେ ୧୩ ଜଣ ପିଲାଙ୍କ ପ୍ରାଣହାନୀ ହୋଇଛି । ତେବେ କେଉଁ ପରିସ୍ଥିତିରେ କ୍ରମାଗତ ଭାବେ ପ୍ରାଣ ହରାଉଛନ୍ତି କଅଁଳ ଛୁଆଗୁଡ଼ିକ ? ଖଣି ସମୃଦ୍ଧ କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମି ସହ ଅଭାବ ରହୁଛି କି ଡାକ୍ତର ଏବଂ ନର୍ସଙ୍କ ସଂଖ୍ୟା ? ଏଭଳି ପ୍ରଶ୍ନ ଭିତରେ ଶିଶୁମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି ଉଠାଇଛନ୍ତି ବିଭିନ୍ନ ବର୍ଗର ଲୋକେ ।


GOVT. OF ODISHA
OFFICE OF THE SUPERINTENDING ENGINEER,
BALASORE IRRIGATION DIVISION, BALASORE.
Phone No. 06782-296500 Email-eebid1234@gmail.com
Tender Call Notice No.02 of 2022-23

The Superintending Engineer, Balasore Irrigation Division, Balasore on behalf of Governor of Odisha invites percentage rate Off-line Tender for Restoration/ repair of works detailed in the table from eligible Class of Contractors registered with the State Government and Contractors of equivalent grade/Class registered with the Central Government / MSME (Udyam) Registration /Railways for execution of Civil , Mechanical Works on production of definite proof from the appropriate authority by drawing agreement in P1 Contract forms of Govt. of Odisha.

| | | | |
|---|---|---|---|
| 1. | Name of work | : | Details can be seen in the DTCN of the respective works. |
| 2. | Total No. of Works | : | 30 (Thirty) nos. of Works. |
| 3. | Estimated Cost put to Tender (Rs. in Lakhs) | : | Varies from Rs.3.46 lakhs to Rs.4.69 lakhs (Excluding G.S.T). Details can be seen in the DTCN of the respective works. |
| 4. | Cost of Bid Documents | : | Details can be seen in DTCN |
| | Bid Security of the estimated cost put to tender | : | **Bid Security Declaration**" instead of EMD / Bid Security Details can be seen in DTCN |
| 5. | Period of Completion | : | Details can be seen in DTCN |
| 6. | Other details as follows | : | |
| (i) | Tender Inviting Authority | : | **Superintending Engineer, Balasore Irrigation Division, Balasore.** |
| (ii) | Availability of Tender Document for bidding | : | **20.09.2022 from 10.00 A.M to 29.09.2022 up to 5.00 P.M.** |
| (iii) | Date of opening of Bid Document | : | **On 30.09.2022 at 11.00 AM** in the Office of the **Superintending Engineer, Balasore Irrigation Division, Balasore.** |
| (iv) | Decision to Conduct Lottery | : | **If required the transparent lottery shall be conducted on 06.10.2022 at 11.00 A.M onwards in the Office of the Superintending Engineer, Balasore Irrigation Division, Balasore** |

Superintending Engineer
Balasore Irrigation Division
Balasore

OIPR : 32110/11/0005/2223

ବାଲେଶ୍ୱର, ସୋମବାର, ୧୯ ସେପ୍ଟେମ୍ବର, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଜିଲ୍ଲା ହକି ଆସୋସିଏସନ ତରଫରୁ କନିଷ୍ଠ ହକି ଦଳ ମନୋନୀତ

ବାରିପଦା,୧୮/୦୯ (ନି.ପ୍ର): ଚଳିତ ସେପ୍ଟେମ୍ବର ମାସ ୧୮ତାରିଖରୁ ୨୩ତାରିଖ ମଧ୍ୟରେ ହେବାକୁ ଥିବା ରାଜ୍ୟ ହକି ଚାମ୍ପିଅନ -୨୦୨୨ ନିମନ୍ତେ ମୟୂରଭଂ ଜିଲ୍ଲାର ଚାନ୍ଦୁଆ ଏସଏସଡି ଉଚ୍ଚ ବିଦ୍ୟାଳୟର କନିଷ୍ଠ ବର୍ଗର ପିଲାମାନେ ମନୋନୀତ ହୋଇଛନ୍ତି । ଜିଲ୍ଲା ହକି ଆସୋସିଏସନ ମୟୂରଭଂଜର ସଭାପତି ତଥା ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ସୂଚାରୁ ବଳଙ୍କ ପରିଚାଳନାରେ ଉକ୍ତ ହକି ଦଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା ସହ ଚାନ୍ଦୁଆ ଉଚ୍ଚ ବିଦ୍ୟାଳୟର ଖେଳାଳୀଙ୍କ ସହିତ ଉକ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବୀର ସିଂ ମାର୍ଣ୍ଡି ଖେଳରେ ଭାଗ ନେବା ପାଇଁ ଗସ୍ତ କରୁଥିବାର ଜଣାଯାଇଛି । ଜିଲ୍ଲା ପ୍ରଶାସନର ଉତମ ପରିଚାଳନାରେ ଉକ୍ତ ଜୁନିୟର ହକି ଦଳ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତମ ଖେଳ ପ୍ରଦର୍ଶନ କରି ଆସୁଛନ୍ତି । ପିଲାଙ୍କର ଯାତାୟତ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗର ବ୍ୟବସ୍ଥାର ସମସ୍ତ ଆୟୋଜନ ସମ୍ପର୍କରେ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ସୂଚନା ପ୍ରଦାନ କରି ଅଛନ୍ତି ।



## ଅଶୋକ ମହାନ୍ତି ଥିଲେ ସୃଜନକଳାର ମହମହ ମହକ

### 'ତ୍ୟାଗଭୂମି' ପକ୍ଷରୁ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା

ତିହିଡ଼ି,୧୮/୯,(ନି.ପ୍ର.) 'ପ୍ରିୟତମା'ରୁ 'ଚୁପ୍ ଚୁପ୍ ଚୌପଦୀ' ଓ 'ବେକାର ଜୀବନ କାହାଣୀ'ରୁ 'ଧୌତ ଚିତ୍ରକଳା' ଯାଏ ପ୍ରଲମ୍ବିତ ଥିଲା କବି ଓ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କ ସୃଜନ ସମ୍ଭାର। ଉଭୟ କବିତା ଓ ଚିତ୍ରକଳା ଜଗତର ସେ ଥିଲେ ଅନୁପମ କାରିଗର। ଓଡ଼ିଶାର ବହୁ ସାରସ୍ୱତ ଅନୁଷ୍ଠାନରୁ ତାଙ୍କୁ ଅସାମାନ୍ୟ ସ୍ୱୀକୃତି ମିଳିଥିଲା ଓ ରାଜ୍ୟ ଲଳିତ କଳା ଏକାଡ଼େମୀ ପକ୍ଷରୁ ୨୦୨୦ରେ ସେ ଶିଳ୍ପୀ ସମ୍ବର୍ଦ୍ଧନା ମଧ୍ୟ ପାଇଥିଲେ। ବହୁ ପୁସ୍ତକର ପ୍ରଚ୍ଛଦଶିଳ୍ପୀ ଭାବେ ତାଙ୍କର ରହିଛି ସ୍ୱାକ୍ଷର ଅମଳିନ। ବାସ୍ତବରେ ସେ ଥିଲେ ସୃଜନକଳାର ମହମହ ମହକ ବୋଲି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପରେ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି ଅଶୋକ କୁମାର ମହାନ୍ତିଙ୍କ ସ୍ମୃତିଚାରଣ ସଭାରେ ବକ୍ତାମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପ୍ରଥମେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ




ପ୍ରାର୍ଥନା କରାଯାଇଥିଲା। ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ଓ ବକ୍ତା ଭାବେ ଇଂରାଜୀ ଭାଷା ସାହିତ୍ୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର, ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ଡକ୍ଟର ଶଶଧର ଦାସ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ନାଟ୍ୟକାର ସୁଧାକର ନନ୍ଦ ଓ ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସର୍ଜନକଳା, ଜୀବନଧାରା, ମଣିଷପଣିଆ ଥିଲା ଅତୁଳନୀୟ ଓ ବାସ୍ତବରେ ତ୍ୟାଗଭୂମି ଜଣେ କୃତି ସନ୍ତାନଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଦୀପ କୁମାର ନାୟକ, ବିଚିତ୍ରାନନ୍ଦ ମହାନ୍ତି, ଶିଳ୍ପୀ ଅଚ୍ୟୁତାନନ୍ଦ ଦାସ, ରୂପକ ବିହାରୀ ରାୟ, ହରିଶ୍ ଦାସ, ଅଧିବକ୍ତା ଗଦାଧର ବଳ, ଡକ୍ଟର ଅଭୟ କୁମାର ଦାସ,ଶିଳ୍ପୀ ରତିକାନ୍ତ ଦାସ, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଡକ୍ଟର ରାଧାବିନୋଦ ନାୟକ, ଡକ୍ଟର ରାଧାରାଣୀ ମହାପାତ୍ର, ଗବେଷକ ଭାଗବତ ତ୍ରିପାଠୀ, ଅଧ୍ୟାପକ ନିହାର ରଞ୍ଜନ କର, ପବନ ଶର୍ମା, ଲଲାଟେନ୍ଦୁ ମହାନ୍ତି, ପଦ୍ମନ ରାୟ ଓ ସ୍ୱର୍ଗତ ମହାନ୍ତିଙ୍କ କନିଷ୍ଠଭ୍ରାତା ଅଜୟ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଗୌରାଂଗ ବାରିକ୍, ଚର୍ଚ୍ଚିକା ମହାପାତ୍ର ଓ ଲକ୍ଷ୍ମୀକାନ୍ତ ବାରିକ୍ ସଭାସଂଚାଳନା କରିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ପାଦକ ସୁଧାକର ରାଉତ ଶେଷସ୍ୱର୍ଶ ପ୍ରଦାନ କରିଥିଲେ।

## ନହଞ୍ଜରାରେ ମୋତିଆବିନ୍ଦୁ ଚିହ୍ନଟ ଶିବିର

ଜଳେଶ୍ୱର ୧୮/୯(ନି.ପ୍ର): ଜଳେଶ୍ୱର ପୌର ପରିଷଦର ୧୫ନଂ ୱାର୍ଡ ନହଞ୍ଜରା ଗୟାସୁର ଉପ୍ରା ବିଦ୍ୟାଳୟରେ ଏକ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବହୁ ଗରିବ ବୃଦ୍ଧ, ବୃଦ୍ଧା ମୋତିଆବିନ୍ଦୁ ରୋଗରେ ଆକ୍ରାନ୍ତ ହୋଇଥିବାରୁ ସେମାନଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ସ୍ୱାସ୍ଥ୍ୟକାର୍ଡ ସହାୟତାରେ ଅସ୍ତ୍ରୋପଚାର କରାଯିବ ବୋଲି ଗ୍ରାମର ରତନ କୁମାର ବ୍ରହ୍ମ, ଦିଲ୍ଲିପ ପରିଡା, ଦୁର୍ଗାଶଂକର ଭୂୟାଁ, ସୁଧୀର ପରିଡା, କମଳଲୋଚନ ହୁଇ, ମାନସ ଦାସ ପ୍ରମୁଖ କହିଛନ୍ତି । ଭୂମୀକା ଆଖି ଚିକିତ୍ସାଳୟର ଡାକ୍ତରମାନେ ଏହି ଶିବିରରେ ଯୋଗ ଦେଇଥିବା ବେଳେ ଏଥିରେ ମୋଟ ୪୩ଜଣ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୨୩ଜଣଙ୍କ ଅସ୍ତ୍ରୋପଚାର ଭୂମୀକା ଚିକିତ୍ସାଳୟରେ କରାଯିବ ବୋଲି ଜଣାଯାଇଛି ।

## ପାନୀୟ ଜଳ ଖନନକୁ ନେଇ ଦୁଇ ସାହି ମୁହଁମୁହିଁ : ଫେରିଗଲା ରିଗ୍ ମେସିନ୍

ନୀଳଗିରି,୧୮/୦୯ (ନି.ପ୍ର): ନୀଳଗିରି ବ୍ଲକ ମହିଷାପଟା ଗ୍ରା.ପ.ର ଜାମବଣି ଗାଁରେ ପାନୀୟ ଜଳର ସମସ୍ୟାକୁ ନେଇ ବିଗତ ଦିନରେ ଗୋରା , ବାଲଟି ଧରି ରାସ୍ତା ଅବରୋଧ ମଧ୍ୟ କରାଯାଇଥିଲା। ମୁଖ୍ୟତଃ ଜାମବଣି ଉପରସାହିରେ ପାଣି ସମସ୍ୟା ରହିଥିବା ବେଳେ ଏହାକୁ ଗୁରୁତ୍ୱ ଦେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ନୂତନ ପାନୀୟ ଜଳ ଉତ୍ସ ଖନନ ପାଇଁ ଆସିଥିବା ବେଳେ ଜାମୁବଣିର ତଳସାହିରେ ମେସିନ ନେଇ ଖନନ କରାଯାଉଥିବା ବେଳେ ଉପରସାହି ଲୋକେ ଏହାକୁ ବିରୋଧ କରିଥିଲେ । ପାନୀଳୟ ଜଳର ବୋରୱେଲ ଖନନକୁ ନେଇ ଦୁଇ ସାହି ମଧ୍ୟରେ ପାଟିତୁଣ୍ଡ ସହ ପିଟାମରା ମଧ୍ୟ ହୋଇଥିଲା । ପରେ ନୀଳଗିରି ପୋଲିସ ପହଂଚିଲା ପରେ ପରିବେଶ ଶାନ୍ତ ପଡ଼ିଥିଲା। ଉପର ସାହିରେ ବିଦ୍ୟୁତ୍ ସଂଯୋଗ ନ ଥିବା ବେଳେ ଉକ୍ତ ଗାଁରେ ବୋରୱେଲ ଖନନ କରାଗଲେ କିଛି ଉପକାର ହୋଇ ନ ଥାନ୍ତା । ତଳସାହିରେ ପୂର୍ବତନ ସାଂସଦ ଅର୍ଜୁନ ଚରଣ ସେଠୀ ସେଠାରେ ଏକ ବୋରୱେଲ ଖନନ କରି ପାନୀୟ ଜଳ ଯୋଗାଉଥିବା ବେଳେ କାଳକ୍ରମେ ଏହା ଅଚଳ ହୋଇ ପଡ଼ିବାରୁ ଜଳସାହିରେ ମଧ୍ୟ ପାନୀୟ ଜଳର ସମସ୍ୟା ଦେଖିବାକୁ ମଧ୍ୟ ମିଳିଛି । ତଳସାହିରେ ବିଦ୍ୟୁତ୍ ସରବରାହ ରହିଥିବା ଯୋଗୁଁ ଏଠାରେ ବୋରୱେଲ ଖୋଳା ଯାଉଥିଲା । ଶେଷରେ ସରପଂଚ ରବିନ୍ଦ୍ର ସିଂ ଙ୍କ ହସ୍ତକ୍ଷେପ ପରେ ଖନନ କାର୍ଯକୁ ବନ୍ଦ କରି ମେସିନକୁ ଫେରାଇ ଦେଇଥିଲେ । ପରେ ଉଭୟ ସାହିର ଲୋକମାନଙ୍କୁ ନେଇ ଏକ ବୈଠକ ଡକାଯାଇ ଯାହା ନିଷ୍ପତି ନିଆଯିବ, ସେହି ଅନୁସାରେ ଖନନ କରାଯିବ ବୋଲି ସରପଂଚ ରବିନ୍ଦ୍ର ସିଂ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ଉପ-କନିଷ୍ଠ ଖୋ ଖୋ ପ୍ରତିଯୋଗିତା



ବାଲେଶ୍ୱର,୧୮।୯(ନି.ପ୍ର): ଜିଲା କ୍ରୀଡ଼ାସଂଘ ଅନୁକୂଲ୍ୟରେ ଜିଲାସ୍ତରୀୟ ଉପ-କନିଷ୍ଠ ଖୋ ଖୋ ପ୍ରତିଯେଗିତା ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ବାଳକ ଦଳ ଓ ୬ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ସଂଘର ଉପସଭାପତି ବୀରେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖ୍ରୀଷ୍ଟିଆନ ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ପୃଷ୍ଟି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। କ୍ରୀଡ଼ା ସଂଘର ଖୋ ଖୋ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଜଗଦୀଶ ଚନ୍ଦ୍ର ବେହେରା, ନିମାଇ ଚରଣ ରାଉତରାୟ, ପ୍ରଦୀପ କୁମାର ଦାସ, ଚିତ୍ତରଞ୍ଜନ ପାଣ୍ଡା, କଳ୍ପଲତା ରଥ, ଖୋ ଖୋ କୋଚ ମଳୟ ରଂଜନ ବେହେରା, ନିକଟ ଅତୀତରେ ଜଗରନଟ ଟୁର୍ଣ୍ଣାମେଣ୍ଟ ଖେଳିଥିବା ବାଲେଶ୍ୱରର କୃତୀ ଖେଳାଳି ଜଗନ୍ନାଥ ମୁର୍ମୁଲିପୁନ ମୁଖୀ, ସିଦ୍ଧେଶ୍ୱର ଟୁଡୁ, ସୁକନାଥ ସିଂଙ୍କ ସମେତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଳିକା ବିଭାଗରେ ଛାନୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଓ ବାରବାଟି ବାଳିକା ବିଦ୍ୟାଳୟ ଏବଂ ବଡ଼କିଆ ୟୁଜୁୟୁପି ସ୍କୁଲ ରନର୍ସ ଅପ ହୋଇଥିଲେ। ସେହିପରି ବାଳକ ବର୍ଗରେ ମହାବୀର ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଓ ମ୍ୟୁନିସିପାଲ ହାଇସ୍କୁଲ ରନର୍ସ ଅପ ଭାବେ ମନୋନୀତ ହୋଇଥିଲେ। ଚାମ୍ପିୟନ ଓ ରନର୍ସ ଅପ ଦଳଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯାଗିତାରୁ ଖେଳାଳିଙ୍କୁ ଚୟନ ସହ ସେମାନଙ୍କୁ ରାଜ୍ୟସ୍ତରୀୟ ଉପ-କନିଷ୍ଠ ଖୋ ଖୋ ପ୍ରତିଯୋଗିତା ପାଇଁ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଦିଆଯାଇଛି।

## ଅହିଂସା ମନ୍ତ୍ର ନେଇ ପହଁଚିଲା ଅହିଂସା ରଥ



ଭଦ୍ରକ,୧୮/୦୯ (ନି.ପ୍ର):: ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ମନ୍ତ୍ର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଅହିଂସା ରଥ ସମଗ୍ର ଓଡିଶାରେ ପରିକ୍ରମା କରୁଥିବା ବେଳେ ଏହି ରଥ ଭଦ୍ରକ ସହରରେ ଆଜି ପହଁଚିଛି । ଏହି ରଥ ପ୍ରଥମେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପ୍ରଥମେ ଐତିହାସିକ ଗାନ୍ଧୀ ପଡିଆ ଠାରେ ପହଂଚି ଥିଲା । ସେଠାରେ ରଥକୁ ଭବ୍ୟ ସ୍ୱାଗତ କରାଯିବ ସହିତ ସେଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ପରେ ଗାନ୍ଧୀ ଭଜନ ଗାନ କରାଯାଇଥିଲାଏଥିରେ ଭଦ୍ରକ ସଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍କାଉଟ ଗାଇଡ୍, ଏବଂ ଘଉଉ ପିଲା ମାନେ ଯୋଗ ଦେଇଥିଲେ । ଏହି ରଥକୁ ସମସ୍ତେ ଏକ ବିରାଟ ଶୋଭାଯାତ୍ରାରେ ପ୍ରସେସନ କରି ପାଛୋଟି ନେଇଥିଲେ । ଏହି ରଥ ଭଦ୍ରକ ଜିଲ୍ଲାର ବିଭିନ୍ନ ଗାଁ ରେ ଥିବା ଗାନ୍ଧୀ ସ୍ମୃତି ପୀଠ ସହିତ ଅନ୍ୟାନ୍ୟ ସ୍ଥାନକୁ ଯିବ ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର : 'କବିବର' ନିଖୁଣ ସାହିତ୍ୟର ଚର୍ଚ୍ଚିତ ପୁରୁଷ



ଭଦ୍ରକ,୧୮/୦୯ (ନି.ପ୍ର): ରାଧାନାଥ ରାୟଙ୍କୁ କବିବର କହିବାର ସାର୍ଥକତା, ତାଙ୍କର କାବ୍ୟରେ ନିଖୁଣ ସାହିତ୍ୟ ଫୁଟିଉଠେ ଓ ସେହି ନିଖୁଣ ସାହିତ୍ୟର ଚର୍ଚ୍ଚିତ ପୁରୁଷ ବୋଲି ଆମ ମାତୃଭାଷା ପରିଷଦ ଆନୁକୂଲ୍ୟରେ ଭଦ୍ରକ ସହର କଲ୍ୟାଣୀନଗର ଗୁରୁ କୃପା ଭବନରେ ଆୟୋଜିତ ସଂକ୍ରାନ୍ତି ଆସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଆସରରେ "ରାଧାନାଥ ରାୟଙ୍କ ସାହିତ୍ୟ ସମ୍ଭାର" ଶୀର୍ଷକ ଆଲୋଚନା ଚକ୍ରରେ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ପୌରହିତ୍ୟରେ ସାହିତ୍ୟ ଆକାଡେମୀ ସଦସ୍ୟ ଭରତଚନ୍ଦ୍ର ଦାଶ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତାଭାବେ ଶୀକ୍ଷାବିତ୍ କରୁଣାକର ବେହୁରିଆ, ମୁଖ୍ୟ ଅତିଥି ଭରତ ଚନ୍ଦ୍ର ଦାଶ, କବି ଓ ସମାଜସେବୀ ରମେଶ ଚନ୍ଦ୍ର ଦାସ, ଶିକ୍ଷାବିତ୍ ଡ. ହୃଷିକେଶ ପଣ୍ଡା, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ଓ ଏସ.ବି.ଆଇ ମ୍ୟାନେଜର ନିଗମାନନ୍ଦ ନାୟକ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ପରିଷଦର ସମ୍ପାଦକ ଡା. ଅନିଲ କୁମାର ଦାଶ ବେଦପାଠ ଓ ସମ୍ପାଦକୀୟ ପାଠ କରିଥିଲେ । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିଲେ । କବି ଗୌରାଙ୍ଗ ବାରିକ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବାବୁଲାଲ୍ ଦାସ, ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ, ଜାନକୀ ପାଢ଼ୀ, ମନୋରମା ରାୟ, ଶିକ୍ଷକ ଅବଦୁଲ ବୟୀନ୍, ମୁସ୍ତାକ୍‌ଗହ୍ୱର, ସଂଯୁକ୍ତା ବଳ, ଦମୟନ୍ତୀ ରଥ, ଅଧ୍ୟାପିକା ମମତା ସାହୁ, ସରୋଜ କୁମାର ଓଝା, ଅଧ୍ୟାପକ ରମାକାନ୍ତ ନାୟକ, ବସନ୍ତ କୁମାର ପାତ୍ର, ରମାକାନ୍ତ ନାଥ, ବିପ୍ଳବ କୁମାର ହୋତା, ଶିକ୍ଷୟିତ୍ରୀ ସରୋଜିନି ନାୟକ, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ଅମିୟ କୁମାର ମହାପାତ୍ର, ନିରଞ୍ଜନ ନାୟକ, ରଜତ କୁମାର ସାହୁ, ନରେଶ ଚନ୍ଦ୍ର ଲେଙ୍କା, ମୋନାଲିସା ସାହୁ, ବର୍ଷାରାଣୀ ବେହେରା, ବିଚିତ୍ରାନନ୍ଦ ଜେନା, ସୁମିତ୍ରା ପାଣି, ନବିନ୍ ପାତ୍ର, ଅଂଶୁମାନ ସ୍ୱାଇଁ, ଶିକ୍ଷାବିତ୍ ଗୟାଧର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ସ୍ୱରଚିତ କବିତାପାଠ କରିଥିଲେ । ସହସମ୍ପାଦିକା ମମତାରାଣୀ ଦାଶ୍ ଓ ଅଂଶୁମାନ ସ୍ୱାଇଁ, ସୁଭାସୀନ ପାଣିଗ୍ରାହୀ ମଞ୍ଚ ପରିଚାଳନା ଓ ଶେଷରେ ଶିକ୍ଷୟିତ୍ରୀ ଜାନକି ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାଡ଼ଖଣ୍ଡରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିବା ମାଓବାଦୀ ମୁମ୍ବାଇର ନାଲାସୋପାରାରୁ ଗିରଫ

ମୁମ୍ବାଇ,୧୮/୦୯ : ୧୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରା ଯାଇ ଥିବା ଝାରଖଣ୍ଡର ମାଓବାଦୀ ମୁମ୍ବାଇର ପାଲଘର ଜିଲ୍ଲାର ନାଲାସୋପାରାଠାରେ ଏକ ଚାଳ ଘରେ ଲୁଚି ରହିଥିଲା । ରବିବାର ସକାଳେ ମୁମ୍ବାଇର ଆତଙ୍କବାଦୀ ବିରୋଧି ସ୍କ୍ୱାର୍ଡ଼ (ଏଟିଏସ) ତାଙ୍କୁ ଗିରଫ କରିଥିଲା । ନାଲାସୋପାରାର ରାମନଗରର ଧାନବୀ ଚାୱ୍ଲରୁ ଗିରଫ ହୋଇଥିବା ମାଓବାଦୀ କାରୁ ହୁଲାସ ଯାଦବ (୪୫ ବର୍ଷ) କୁ ଏଟିଏସ୍ ଟିମ୍ ପଚରାଉଚୁରା କରୁଛି । ତାଙ୍କ ଗିରଫଦାରୀ ସମ୍ପର୍କରେ ମୁମ୍ବାଇ ଏଟିଏସ୍ ଝାଡ଼ଖଣ୍ଡ ସରକାରଙ୍କୁ ସୂଚନା ଦେଇଛି । ସୂଚନା ଅନୁସାରେ ପୁରସ୍କାର ଘୋଷଣା ଥିବା ମାଓବାଦୀ କାରୁ ହୁଲାସ ଯାଦବଙ୍କ ବିଷୟରେ ଏଟିଏସ୍ ସୂଚନା ପାଇଥିଲା । ଏହି ଆଧାରରେ ଥାନେ ଏଟିଏସ୍ ଟିମ୍ ଆଜି ସକାଳେ ନାଲାସୋପାରାର ରାମନଗରର ଧାନଭି ଚାଳ ଉପରେ ଚଢ଼ାଉ କରି ତାକୁ ଗିରଫ କରିଥିଲା ।

## ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଘଟଣା ଦୁର୍ଭାଗ୍ୟଜନକ

ଚଣ୍ଡିଗଡ଼, ମୁମ୍ବାଇ,୧୮/୦୯ : – ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ କିଛି ଛାତ୍ରୀ ଆପତିଜନକ ଭିଡ଼ିଓ କରୁଥିବା ନେଇ ଗୁଜବ ପ୍ରଚାର ହେବା ପରେ ପଂଜାବର ମୁଖ୍ୟମନ୍ତ୍ରୀ ଭାଗବତ ମନ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ରବିବାର ଦିନ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଝିଅମାନେ ଆମର ଗର୍ବ ଏବଂ ସମ୍ମାନ, ଏହିପରି କୌଣସି ଘଟଣା ନିନ୍ଦନୀୟ । ମନ କହିଛନ୍ତିଯେ, ସେ ଏହି ଘଟଣାରେ ଦୁଃଖିତ ଏବଂ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କିରବାକୁ ଜିଲ୍ଲା ପ୍ରଶାସନକୁ କହିଛନ୍ତି । ଏହି ଜଘନ୍ୟ ଅପରାଧରେ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ ତାଙ୍କୁ ରକ୍ଷା କରାଯିବ ନାହିଁ ଏବଂ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା

## ମୁଣ୍ଡାରୀ ଜନଜାତିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନରେ ଅଣଦେଖା

### ଆନ୍ଦୋଳନ ପାଇଁ ଚାଲିଛି ପ୍ରସ୍ତୁତି



ଉଦଳା, ୧୮/୦୯(ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଡ଼ାକେନ୍ଦୁ, ବଡ଼ଶୋଳ ଓ ଖଡ଼ିକାଶୋଳ ଗ୍ରାମରେ ମୁଣ୍ଡାରୀ ଜନଜାତିର ଶତାଧିକ ପରିବାର ବସବାସ କରିଆସୁଛନ୍ତି । ଆଶ୍ଚର୍ଯ୍ୟଜନକ ଭାବରେ ଏ ଅଞ୍ଚଳର ମୁଣ୍ଡାରୀ ଜନଜାତିର ୫୦ରୁ ଅଧିକ ଲୋକ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଏଥିପାଇଁ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ସେଥି ମଧ୍ୟରୁ ୧୦ ଜଣ ବିଧବା, ୫ ଜଣ ଭିନ୍ନକ୍ଷମ ଓ ୨ ଜଣ ଅବିବାହିତ ରହିଥିବା ବେଳେ ୧୫ ଜଣ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଭତ୍ତାରୁ ବଞ୍ଚିତ ଥିବା ଏହି ଗ୍ରାମବାସୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର ସଦସ୍ୟ ଲାଲ ମୋହନ ବିନ୍ଧାଣୀ ଓ ରାମଚନ୍ଦ୍ର ସିଂ ଦାବି ଜଣାଇଛନ୍ତି । ସେହିପରି ଏହି ଜନଜାତିର କେତୋଟି ଯୋଗ୍ୟ ହିତାଧିକାରୀ ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଯୋଗୁଁ ଟଙ୍କାକିଆ ଚାଉଳ ପାଇପାରୁନଥିବାର ଅଭିଯୋଗ କରିଛନ୍ତି । ଭତ୍ତା ଓ ଚାଉଳ ନମିଳିଲେ ଆଗାମୀ ଦିନରେ ଗ୍ରାମବାସୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ବାଛି ବାଛି ମୁଣ୍ଡାରୀ ଜନଜାତିଙ୍କ ପ୍ରତି ଏପରି ଅବିଚାର କାହିଁକି କରାଯାଉଛି ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠୁଛି ।

## ଭାରତ ଯୋଡ଼ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଭାବେ ମନୋଜ ସାହୁ ମନୋନୀତ

ଭୁବନେଶ୍ୱର,୧୮/୦୯ (ନି.ପ୍ର): ଭାରତ ଯୋଡ଼ ଓଡ଼ିଶା କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବା ଦଳର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ରାଜ୍ୟ କଂଗ୍ରେସ ସେବା ଦଳ ଷ୍ଟିୟରିଂ କମିଟିର ସଦସ୍ୟ ଶ୍ରୀ ମନୋଜ ସାହୁଙ୍କୁ ମୁଖ୍ୟ ସଂଯୋଜକ ଓ ଷ୍ଟିୟରିଂ କମିଟିର ଅନ୍ୟତମ ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡା, ଆଡ଼ଭୋକେଟ ରମେଶ ବରାଳ ଓ ମହମ୍ମଦ ସହାଦୁଲ୍ଲାଙ୍କୁ ସଂଯୋଜକ ଏବଂ ମିଡ଼ିଆ ସଂଯୋଜକ ଭାବେ ସମାଜସେବୀ, ପୂର୍ବ ସୈନିକ, ରୋଟାରିୟାନ ବରୁଣ ରାଜଙ୍କୁ ମନୋନୀତ କରିଛନ୍ତି ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଡଃ ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ଯେ, ଓଡ଼ିଶାରେ ଏହି ତିନିମାସିଆ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା କର୍ମକର୍ତ୍ତାମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଆସନ୍ତା ଅକ୍ଟୋବର ୧୫ ଓ ୧୬ ତାରିଖରେ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହେବ। ଏହି ଶିବିରକୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଉଦ୍‌ଘାଟନ କରିବେ ଓ ବିଶିଷ୍ଟ ଗାନ୍ଧିବାଦୀ ନ୍ୟାୟମୂର୍ତ୍ତି ଶ୍ରୀ ମନୋରଞ୍ଜନ ମହାନ୍ତି ଓ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ଶିବିରାର୍ଥୀମାନଙ୍କୁ ଗାନ୍ଧୀ ଦର୍ଶନ ଉପରେ ବକ୍ତବ୍ୟ ରଖିବେ।

## ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୧୮।୯(ନି.ପ୍ର): ଜୈନ ସମ୍ପ୍ରଦାୟର ଆଧ୍ୟତ୍ମିକ ଗୁରୁ ଆଚାର୍ଯ୍ୟ ମହାଶ୍ରମନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ପକ୍ଷରୁ ସମଗ୍ର ଦେଶରେ ଆରମ୍ଭ ହୋଇଛି ରକ୍ତଦାନ ଅଭିଯାନ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ପ୍ରମୁଖ ଏହି ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜୈନ ସମାଜର ଯୁବ ସଂଗଠନ ପକ୍ଷରୁ ଏହିଭଳି ସାଧୁ ଉଦ୍ୟମ ରକ୍ତର ଅଭାବ ପୂରଣରେ ସହାୟକ ହୋଇ ପାରିଛି ଅତିଥିମାନେ



ମତ ପ୍ରକାଶ କରିଥିଲେ। ପୌର ଉପାଧ୍ୟକ୍ଷ କୈଳାସ ସେଠୀ, କାଉନସିଲର ମୀନା ମହାନ୍ତି, ଶେଖ ଆୟୁବ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନର ସଭାପତି ଧୀରଜ ଜୈନ ଧାଡେୱାଲ, ଉପ-ସଭାପତି ସୁରେଶ ଜୈନ ସିଂଘୀ, ସମ୍ପାଦକ ବିକାଶ ଜୈନ ମାଲୁଙ୍କ ସମେତ ଗଣେଶ ଜୈନ, କନକ ଧାରିୱାଲ, ରାଜ କୁମାର ଜୈନ, ସମତଲାଲ ଜୈନ, ଯୋଗେଶ ଜୈନ, ପଙ୍କଜ ଜୈନ ଧାରିୱାଲ, ପଙ୍କଜ ଜୈନ ବାଣ୍ଠିଆ, ପୁଷ୍ପା ଧାରିୱାଲ, ସରିତା ମାଲୁ, କୁସୁମ ସିଂଘି, ବବିତା ଧାଡେୱାଲ, ଉର୍ମିଳା ସିଂଘି, ଲକ୍ଷ୍ମୀ ସିଂଘି, କାନ୍ତା ଜୈନ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo